
ଓଁ
ବ୍ରହ୍ମ ଏକାକ୍ଷର ମହାଶାନ୍ତି ଯଜ୍ଞ

ॐ

*ନମୋ ଭଗବତେ ଯଦୁନନ୍ଦନାୟ ସୁକାନ୍ତିସୁତାୟ କେଶବଚନ୍ଦ୍ରାୟ !!!*

# ବ୍ରହ୍ମ ଏକାକ୍ଷର ମହାଶାନ୍ତି ଯଜ୍ଞ

# ଓ

# ସନାତନ କେତନ ସତ୍‌ସଂଗ ମହୋତ୍ସବ

## ସ୍ଥାନ : ନାହା ଗ୍ରାମ ପରିସର, କେନ୍ଦୁଝର

(ବୈଶାଖ ମାସ ଶୁକ୍ଳପକ୍ଷ ଏକାଦଶୀ ମେଷ ୨୭ଦିନ ଶନିବାର ଠାରୁ
ଚନ୍ଦନ ପୂର୍ଣ୍ଣିମା ମେଷ ୩୧ଦିନ ବୁଧବାର ପର୍ଯ୍ୟନ୍ତ)
ଇଂରାଜୀ ତା ୧୦.୫.୨୦୧୪ରିଖ ଶନିବାର ଠାରୁ
ତା ୧୪.୫.୨୦୧୪ରିଖ ବୁଧବାର ପର୍ଯ୍ୟନ୍ତ ।

## ବିଶ୍ୱ ଭ୍ରାତୃତ୍ୱ ଦିବ୍ୟାତ୍ମା ପରିଷଦ୍,

**ଅଚ୍ୟୁତ ଗୁପ୍ତ ବ୍ରହ୍ମ ସଂଘ, କ୍ଷିତିଜ୍ୟୋତିଃ ଆଶ୍ରମ,**
**ସ୍ୱର୍ଣ୍ଣକ୍ଷେତ୍ର, ମାହାଙ୍ଗା, କଟକ ।**



ଭକ୍ତି ପ୍ରେମାଞ୍ଜଳି : ଦଶ ମୁଦ୍ରାଞ୍ଜଳି

# ଓଁ ନମୋ ଭଗବତେ କେଶବଚ୍ଚନ୍ଦ୍ରାୟ !!!

ଯଂ ପାଦପଦ୍ମଂ ଖଲୁ ସୁଦୁର୍ଲ୍ଲଭଂ
କୋଽବା ବର୍ଣ୍ଣିଷ୍ୟନ୍ତି ତଦାଦିଅନ୍ତମ୍
ବ୍ରହ୍ମାରମାଯଂ ବେତ୍ତୁମକ୍ଷମା
ଚେତ୍ତଦ୍ଧଦ୍‌କୃପା ସର୍ବାନ୍ ସୁଲଭମ୍
ଧ୍ୟାୟନ୍ତିଯଂ ମୁନିଗଣାଃ ନିତ୍ୟଂ
ତତ୍ପାଦତ୍ରାତା ଖଲୁ ଅଭିଶପ୍ତା
ଲଛ୍ୱା ତତ୍ପାଦଂ ଭରତୋଚୋଦ୍ଧବୋ
କୃତାର୍ଥାଭବନ୍ତି କଳିଭକ୍ତବୃନ୍ଦାଃ
ଗାୟନ୍ତି ସର୍ବେ ତବ ସୁପ୍ରଶସ୍ତିଂ
ଧ୍ୟାୟନ୍ତି ସର୍ବେ ତବ ସୌମ୍ୟକାନ୍ତିମ୍
ପୂଜନ୍ତି ସର୍ବେ ତବ ପାଦପଦ୍ମଂ
ନମୋ ନମସ୍ତେସ୍ତୁ ଚରମପାଦମ୍ ।।

## ଓଁ ପରଂବ୍ରହ୍ମେ ନମଃ

ବିଚିତ୍ର ଏ ସୃଷ୍ଟି । ତହୁଁ ବୈଚିତ୍ର୍ୟମୟ ସୃଷ୍ଟିର ସକଳ ବିଭାଗ ଓ ବିଭବ । ଭଗବାନଙ୍କ ସୃଷ୍ଟିର ଶ୍ରେଷ୍ଠ ଅବଦାନ ମଣିଷ । କେତେ କମନୀୟ । କେତେ ଶକ୍ତି ସମ୍ପନ୍ନ ଓ ଚେତନାଯୁକ୍ତ କରି ମଣିଷକୁ ସେ ଧରାପୃଷ୍ଠକୁ ପଠାଇଛନ୍ତି ତାଙ୍କ ଲୀଳାର ପରିପୂର୍ତ୍ତି ପାଇଁ । ଜୀବ ଯେତେବେଳେ ଦିବ୍ୟଜ୍ଞାନର ଅଧିକାରୀ ହୁଏ, ସେତେବେଳେ ସେ ପ୍ରକୃତ ପୂର୍ଣ୍ଣାଙ୍ଗ ମଣିଷଟିଏର ପରଚୟ ବହନ କର । ପୁଣି ଦିବ୍ୟଜ୍ଞାନକୁ ହାସଲ କରିବା ପାଇଁ ତାକୁ ଉଦ୍ୟମ କରିବାକୁ ପଡେ । କରିଲେ ପାଇବ ଯାହା, ତାହା ହେଉଛି କୃପା । କୃପା ପାଇଲେ ଚୈତନ୍ୟ ଉଦୟ ହୁଏ । ଜୀବଜଗତର କଲ୍ୟାଣ ଉଦ୍ଦେଶ୍ୟରେ ନିଜର ତନୁ, ମନ, ଧନକୁ ବିନିଯୋଗ କରିବା ପାଇଁ ସୂତ୍ର ପାଏ ଓ ବ୍ୟାକୁଳିତ ମଧ୍ୟ ହୁଏ । ହେଲେ ସୃଷ୍ଟିର ସାମ୍ପ୍ରତିକ ସମୟରେ ଯୁଗ ମୀମାଂସାର ସନ୍ଧିକ୍ଷଣରେ ଆମେ ଯେଉଁମାନଙ୍କୁ ମଣିଷ ଭାବି ଭେଟୁଛନ୍ତି, ସେମାନେ ଯେ ସମସ୍ତେ ମଣିଷ ନୁହଁନ୍ତି, ତାହା ତାଙ୍କର କାର୍ଯ୍ୟକଳାପ ଓ ଆଚାର ବ୍ୟବହାରକୁ ଲକ୍ଷ୍ୟ କଲେ ସ୍ପଷ୍ଟ ଜାଣି ହୋଇଯାଏ । ମଣିଷର କଳେବର ଭିତରେ ଲୁଚି ରହିଛନ୍ତି ହିଂସ୍ରକ ପଶୁ ଓ ପ୍ରତିହିଂସା ପରାୟଣ ରାକ୍ଷସମାନେ । ବିନାଶଶୀଳ ସଂସାରରେ ଆମେ ସମସ୍ତେ ମୃତ୍ୟୁପଥର ଯାତ୍ରୀ । ବଞ୍ଚିବା

ବଢ଼ିବା ପାଇଁ ନଶ୍ୱର ଶରୀରକୁ ବିଳାସ ବ୍ୟସନରେ ବୁଡାଇ ରଖିବା ପାଇଁ କେତେ ସୁଖ ପ୍ରଦାନକାରୀ ପାର୍ଥିବ ବସ୍ତୁକୁ ସଂଗ୍ରହ କଲେ ମଧ୍ୟ ଏ ଜୀବ ଦିନେ ଯିବ । ନିର୍ଦ୍ଦିଷ୍ଟ ସଂଖ୍ୟକ ନିଃଶ୍ୱାସ ପ୍ରଶ୍ୱାସକୁ ଶରୀରରେ ବ୍ୟବହାର କରି ସାରିବା ପରେ ଜୀବ ତା'ର ନଶ୍ୱର ଶରୀରକୁ ଛାଡି ଚାଲିଯାଏ, ଆପଣା ପ୍ରକୃତ ବାସସ୍ଥାନ ଅଦୃଶ୍ୟ ନଗରୀକୁ । ଏହି ଚିରନ୍ତନ ସତ୍ୟକୁ ଜାଣି ମଧ୍ୟ ବ୍ୟକ୍ତି ପ୍ରତ୍ୟେକଟି ମୁହୂର୍ତ୍ତରେ ସୁଦୂର ପ୍ରସାରୀ ଭବିଷ୍ୟତ ଯୋଜନାରେ ବ୍ୟସ୍ତ ରହୁଛି । କୌଣସି କାର୍ଯ୍ୟ ପାଇଁ ତାକୁ କହିଲେ ସେ ଗୋଟିଏ ଉତ୍ତର ଦେଉଛି – ମୋର ସମୟ ନାହିଁ । ଭବିଷ୍ୟତ, ଯାହା ଆମ ହାତରେ ନାହିଁ, ଯାହା ଆନଗତ, ଯାହା ଅଜଣା, ତାହା ପାଇଁ ଆମେ ବର୍ତ୍ତମାନକୁ ନଷ୍ଟ କରି ଚାଲିଛନ୍ତି ।

ଅତୀତକୁ ଲକ୍ଷ୍ୟ କଲେ ଆମେ ଜାଣିପାରିବା ଏପରି ଦିନେ ରାବଣ ସ୍ୱର୍ଗକୁ ସିଡି ତିଆରି କରିବାର ଯୋଜନା କରିଥିଲେ । ତ୍ରେତିଶ କୋଟି ଦେବତାଙ୍କୁ ପାଦତଳେ ଖଟାଇଥିବା ପରାକ୍ରମୀ ଦଶାନନ ଶେଷରେ କାଳ ଫାଶରେ ଛନ୍ଦି ହୋଇଯାଇଥିଲେ । ରାଜସିଂହାସନର ତୀବ୍ର ମୋହରେ ମୋହଗ୍ରସ୍ତ ହୋଇ ପାଣ୍ଡବମାନଙ୍କୁ ମାରିବାର ଅନେକ ଯୋଜନା କରି ଦିନେ ମାନଗୋବିନ୍ଦ ଦୁର୍ଯ୍ୟୋଧନ ରକ୍ତନଦୀ ସନ୍ତରଣ କରିଥିଲେ ଓ ଆତ୍ମୀୟସ୍ୱଜନଙ୍କର ମୃତ୍ୟୁର କାରଣ ହୋଇ ନିଜେ କାଳ କବଳିତ ହୋଇଯାଇଥିଲେ । ମଣିଷ ଅଜଣା ଭବିଷ୍ୟତ ପାଇଁ ତାର ବର୍ତ୍ତମାନକୁ ଭଗବତ୍ କାର୍ଯ୍ୟରେ ବିନିଯୋଗ ନକରି କେବଳ ମରିଚିକା ପଛରେ ଧାଇଁଛି, ଜୀବନର ଶେଷ ପରଣତି ମୁଠାଏ ପାଉଁଶ ବୋଲି ଜାଣି ସୁଦ୍ଧା ଅନ୍ୟ ଠାରୁ ନିଜେ ଶ୍ରେଷ୍ଠ ବିବେଚିତ ହେବା ପାଇଁ ହୃଦୟରୁ ସ୍ନେହ ଶ୍ରଦ୍ଧାକୁ ବିସର୍ଜନ କରି ଭ୍ରାତୃତ୍ୱ ଠାରୁ ଦୂରେଇ ଯାଉଛି । ପରିବାର ଠାରୁ ରାଷ୍ଟ୍ର ପର୍ଯ୍ୟନ୍ତ ଭ୍ରାତୃତ୍ୱ ବନ୍ଧନ ଆଜି ବିପର୍ଯ୍ୟସ୍ତ । ବ୍ୟକ୍ତିର ଗୁଣ କର୍ମ ଭିନ୍ନ ଭିନ୍ନ ହେଲେ ମଧ୍ୟ 'ବସୁଧୈବ କୁଟୁମ୍ବକମ୍' ଭାବରେ ଆମ ଭିତରେ ଭ୍ରାତୃତ୍ୱ ବନ୍ଧନ ଦୃଢ଼ ରହିବା ଦରକାର । ବିଶ୍ୱରେ ଭ୍ରାତୃତ୍ୱ ପ୍ରତିଷ୍ଠା ପାଇଁ ଦିବ୍ୟାତ୍ମା ସାଜିବାକୁ ପଡ଼ିବ । ମନକୋଣରୁ ଭ୍ରାତୃତ୍ୱକୁ ପରିତ୍ୟାଗ କରି ଜଗତରେ କିଏ କ'ଣ ଦିବ୍ୟାତ୍ମା ହୋଇପାରେ ? ଅନ୍ୟର ଦୋଷ ଗୁଣକୁ ନଦେଖି ଯେ ପର୍ଯ୍ୟନ୍ତ ତା'ର ଭଲଗୁଣରେ ଦୃଷ୍ଟି ନପଡିଛି, ସେ ପର୍ଯ୍ୟନ୍ତ ଆତ୍ମଦର୍ଶନ ହେବନାହିଁ କି ଭଗବାନଙ୍କ ଲୀଳାର ବୈଚିତ୍ର୍ୟକୁ ବୁଝି ହେବନାହିଁ । ଦେବତା ଓ ଦାନବମାନଙ୍କ ଭିତରେ ଶତ୍ରୁତା ଆବହମାନ କାଳରୁ ରହିଆସିଛି । ହାତରେ ଚାବି ଧରି ସୃଷ୍ଟି ଯନ୍ତ୍ରକୁ ଚଳାଉଥିବା ବିଶ୍ୱନିୟନ୍ତା ସାମୟିକ ପରିସ୍ଥିତି ସୃଷ୍ଟିକରି ଦେବତାମାନଙ୍କୁ ଭ୍ରାତୃତ୍ୱର ଶିକ୍ଷା ଦେଇଥିଲେ । ଦାନବଗୁରୁ ଶୁକ୍ରାଚାର୍ଯ୍ୟଙ୍କ ମନରେ ଭ୍ରାତୃତ୍ୱର ରଙ୍ଗ ଲଗାଇ ରାକ୍ଷସମାନଙ୍କୁ ସାଗର ମନ୍ଥନରେ ସାମିଲ କରାଇଥିଲେ । ସତ୍ତ୍ୱ, ରଜ, ତମ ତ୍ରିଗୁଣର ବିଷମତାରୁ ସମସ୍ତଙ୍କ ଭିତରେ ଉଭୟ ଦୈବୀ ଓ ରାକ୍ଷସ ପ୍ରକୃତି ଓ ପ୍ରବୃତ୍ତି ରହିଛି; ମାତ୍ର ଦେବତାମାନେ ଯେତେବେଳେ ଦିବ୍ୟାତ୍ମାର ପରିଚୟ ଦେଇ ରାକ୍ଷସମାନଙ୍କୁ ଭ୍ରାତୃତ୍ୱର ହାତ ବଢ଼ାଇଲେ, ସେତେବେଳେ ନିର୍ମମ ନିଷ୍ଠୁର ରାକ୍ଷସମାନେ ମଧ୍ୟ ସିଂହ ପୋଷା ମାନିଲା ଭଳି ଦେବତାମାନଙ୍କର ଆନୁଗତ୍ୟ ସ୍ୱୀକାର କରିଥିଲେ ।

ଆଜି ମଧ୍ୟ ଏହି ଚିରନ୍ତନ, ଶାଶ୍ୱତ ଭାବଧାରାକୁ ବିଶ୍ୱ ବକ୍ଷରେ ବିଚ୍ଛୁରିତ କରିବାପାଇଁ କୃପାସାଗର କେଶବ ସୁନ୍ଦର ମାଟି ବୈକୁଣ୍ଠରେ ବିରାଜମାନ । ନିଜର ଶାନ୍ତ ଓ ସରଳ

ସ୍ୱଭାବ ମାଧ୍ୟମରେ ସେ ଜଗତକୁ ଆଦର୍ଶମୟ ଶିକ୍ଷା ଦେଇଚାଲିଛନ୍ତି । ଏପରିକି ଚାଲିବା, ବସିବା, ଉଠିବା, ଅଙ୍ଗଭଙ୍ଗୀ ଓ କଥା କହିବାରେ ବିଶ୍ୱବାସୀଙ୍କୁ ଦିବ୍ୟାତ୍ମାରେ ପରିଣତ କରିବାର କୌଶଳ ପ୍ରଦର୍ଶନ କରୁଛନ୍ତି । କିଏ ଦୁଷ୍ଟ କିଏ ଶିଷ୍ଟ, ବିଚାର ନକରି ସମସ୍ତଙ୍କୁ ଆପଣାର କରି ନିଜର ଅଭୟ କୋଳକୁ ଟାଣି ନେଉଛନ୍ତି । ବିଶ୍ୱରେ ଭ୍ରାତୃତ୍ୱ ପ୍ରତିଷ୍ଠା କରିବାର ଗୁରୁଭାରକୁ ବହନ କରି ଆପଣା ସନ୍ତାନ ଠାରୁ ପୁତ୍ରତ୍ୱର ପରାକାଷ୍ଠା ପାଇବାକୁ ଆଶା ବାନ୍ଧିଛନ୍ତି । କେହି କାହାର ଦୋଷ ନ ବାଛି ଗାଢ଼ ଆଲିଙ୍ଗନ ଫାଶରେ ଭାଇକୁ କୁଣ୍ଢାଇ ଧରି ତାଙ୍କ ମହତ ଇଚ୍ଛାକୁ ପୂର୍ଣ୍ଣକରିବା ପାଇଁ ଆଜି ମଧ୍ୟ ଏକ ଅପୂର୍ବ ସୁଯୋଗ ଦେଇଛନ୍ତି । ଆଜିର **"ବ୍ରହ୍ମ ଏକାକ୍ଷର ମହାଶାନ୍ତି ଯଜ୍ଞ"**ଟି ଏହି ପବିତ୍ର ଭ୍ରାତୃତ୍ୱ ବନ୍ଧନର ସ୍ୱାକ୍ଷର ବହନ କରି ସନାତନ ଧର୍ମ ପ୍ରତିଷ୍ଠାର ଏକ କ୍ରାନ୍ତିକାରୀ ପଦକ୍ଷେପ ଗ୍ରହଣ କରିଛି । **"ବ୍ରହ୍ମ ଏକାକ୍ଷର ମହାଶାନ୍ତି ଯଜ୍ଞ"** ଏଠାରେ କେଉଁ ଉଦ୍ଦେଶ୍ୟରେ ଅନୁଷ୍ଠିତ ହେଉଅଛି, ସେ ସମ୍ପର୍କରେ ଯେତେ ଆଖ୍ୟା ରହିଛି ତାକୁ ଆଲୋଚନା କରି ବସିଲେ ବିରାଟ ଗ୍ରନ୍ଥ ହେବ; ମାତ୍ର ସ୍ଥାନ, କାଳ, ପାତ୍ର ବିଚାରକୁ ନେଇ ଜନ ସମାଜର ଅବଗତି ନିମନ୍ତେ ସେ ଅନନ୍ତ କଥାବସ୍ତୁରୁ କିଛି ମାତ୍ର ପ୍ରକାଶ କରାଯାଉଅଛି । ଯଜ୍ଞର ସ୍ଥାନ ସମ୍ପର୍କରେ ଉଲ୍ଲେଖ କରିବାକୁ ଯାଇ ମହାପୁରୁଷ ଅଚ୍ୟୁତ ତାଙ୍କ "ଧର୍ମସୂତ୍ର ସଂହିତା"ରେ ପ୍ରକାଶ କରିଛନ୍ତି –

ବଉଳାକ୍ଷେତ୍ରର ଦିବ୍ୟ ମହିମା ।
କେ ବର୍ଣ୍ଣି ପାରିବ ତାହାର ସୀମା ।।
ଥାନପତି ମା' ବୁଢ଼ୀ ଜାଗୁଳେଇ ।
ଉତ୍ତରରେ ଥିବ ସାଳନ୍ଦୀ ନଈ ।।
ବାଟ ଚାହିଁଛନ୍ତି ଉତ୍ତରେଶ୍ୱର ।
ଦକ୍ଷିଣେ ବିଜୟ ଦକ୍ଷିଣେଶ୍ୱର ।।
ପଶ୍ଚିମରେ ଶୋଭା ପଳାଶ ବନ ।
କଳା ପଥର ଯେ ପ୍ରୀତି ଆସନ ।।
ପଶ୍ଚିମ ଉତ୍ତରେ ବଉଳା ଗିରି ।
ସତ୍ୟ ଯୁଗୁ ଅଛି ଲୀଳାକୁ ଧରି ।।

ମହାପୁରୁଷ ଅଚ୍ୟୁତଙ୍କର ଉପରୋକ୍ତ ପଦ୍ୟାବଳୀର ଅର୍ଥ ଏହା ଯେ – ଯେଉଁ ସ୍ଥାନରେ ଯଜ୍ଞାନୁଷ୍ଠାନ ସଂଗଠିତ ହେବ ସେହି କ୍ଷେତ୍ରର ନାମ ହୋଇଥିବ **"ବଉଳାକ୍ଷେତ୍ର"** । କ୍ଷେତ୍ରର ଗ୍ରାମଦେବତୀ ବା ଥାନପତି ଥିବେ ମା' ବୁଢ଼ୀ ଜାଗୁଳାଇ । ଯଜ୍ଞସ୍ଥଳରେ ଉତ୍ତର ଦିଗରେ ଦେବ ଦେବ ମହାଦେବ ଉତ୍ତରେଶ୍ୱର ଓ ଦକ୍ଷିଣ ଦିଗରେ ଭୋଳାନାଥ ଦକ୍ଷିଣେଶ୍ୱର ଥିବେ । ପଶ୍ଚିମ ଦିଗରେ ଏକ ସୁନ୍ଦର ପଳାଶବନ ଶୋଭା ପାଉଥିବ । କଳାପଥର ଥିବ । ସେ ହେଉଛି ସତ୍ୟଯୁଗର ସ୍ମୃତି ସନ୍ତକ, ଯାହା ଏକ ପ୍ରେମୀଯୁଗଳଙ୍କର ପ୍ରୀତି ଆସନ ଭାବରେ ଖ୍ୟାତ । ଯଜ୍ଞ ସ୍ଥଳରେ ପଶ୍ଚିମ ଉତ୍ତର ଦିଗକୁ ବଉଳା ପାହାଡ ଥିବ, ଯାହାର ନାମ ଅନୁସାରେ ସ୍ଥାନର ନାମ **'ବଉଳାକ୍ଷେତ୍ର'** ହୋଇଥିବ । ଯୁଗାନୁବାଦର ଉକ୍ତ ଐତିହାସିକ ଯଜ୍ଞାନୁଷ୍ଠାନ ଏଠାରେ କାହିଁକି ଅନୁଷ୍ଠିତ

ହେଉଅଛି, ସେ ସମ୍ପର୍କରେ ଏକ ଲୁକ୍କାୟିତ କିମ୍ବଦନ୍ତୀ ରହିଛି । ଆଧ୍ୟାତ୍ମିକପ୍ରେମୀ ସଦାତ୍ମାମାନଙ୍କ ଅନ୍ତରରେ ଭକ୍ତିର ଗଙ୍ଗା ପ୍ରବାହିତ କରାଇବା ଲକ୍ଷ୍ୟ ନେଇ ପ୍ରେମମୟ ଠାକୁରେ ସେହି ଗୁପ୍ତାତିଗୁପ୍ତ ଲୀଳା ସୂତ୍ରକୁ ଉନ୍ମୋଚନ କରିଛନ୍ତି ।

ସ୍ୱାରଚିଷ ମନ୍ୱନ୍ତରର ସପ୍ତ ଚତୁଃଯୁଗର ସତ୍ୟ ଯୁଗ ଭୋଗ ହେଉଥିବା ବେଳେ ଧରାପୃଷ୍ଠରେ ଜନ୍ମ ଗ୍ରହଣ କରିଥିଲେ ଋଷି "ନାଦୀକର୍ଣ୍ଣ" । ତାଙ୍କର ପିତାଙ୍କ ନାମ ଥିଲା ଭଦ୍ରଶାନ୍ତ ଓ ମାତାଙ୍କ ନାମ ଥିଲା କନକମଞ୍ଜରୀ । ଗୃହସ୍ଥାଶ୍ରମରେ ରହି ଭଦ୍ରଶାନ୍ତ ଓ କନକମଞ୍ଜରୀ ଭଗବାନଙ୍କ ପ୍ରେମରେ ମଜ୍ଜି ରହିଥିଲେ । ନିଜେ ବଞ୍ଚି ଅନ୍ୟକୁ ବଞ୍ଚାଇବାର ମହାନ କର୍ତ୍ତବ୍ୟରେ ବ୍ରତୀ ଥିଲେ । ସାମର୍ଥ୍ୟ ଅନୁଯାୟୀ ଦାନଧର୍ମ କରୁଥିଲେ । ଅତିଥିମାନଙ୍କୁ ଦେବତାତୁଲ୍ୟ ସେବାଚର୍ଯ୍ୟା କରୁଥିଲେ । ବାର ମାସରେ ଚବିଶି ଏକାଦଶୀ ବ୍ରତକୁ ନିଷ୍ଠାପର ଭାବେ ପାଳନ କରି ନାରାୟଣଙ୍କୁ ସନ୍ତୁଷ୍ଟ କରୁଥିଲେ । ପରୋପକାରରେ ମନୋନିବେଶ କରି ଆତ୍ମତୃପ୍ତି ଲାଭ କରୁଥିଲେ । ମାତ୍ର ତାଙ୍କର ଏକମାତ୍ର ଦୁଃଖଥିଲା– ସାତଟି କନ୍ୟାସନ୍ତାନ ଜନ୍ମହେବା ପରେ ଅନେକ ବର୍ଷ ବିତିଗଲା, ହେଲେ ସେମାନେ ପୁତ୍ର ସନ୍ତାନଟିଏ ପ୍ରାପ୍ତ ହୋଇ ପାରିନଥିଲେ । ତେଣୁ ଭଦ୍ରଶାନ୍ତ ଶିବ ଉପାସନାରେ ବ୍ରତୀ ହେଲେ । ପତିପତ୍ନୀ ଦୁହେଁ ବ୍ରାହ୍ମ ମୁହୂର୍ତ୍ତରେ ଭଗବାନ ଶିବଙ୍କର ପୂଜାର୍ଚ୍ଚନା କରୁଥିଲେ । ଦିନେ ସେହି ବ୍ରାହ୍ମ ମୁହୂର୍ତ୍ତରେ ସ୍ନାନ ସାରି ପତିପତ୍ନୀ ପୂଜାପାଇଁ ପ୍ରସ୍ତୁତ ହେଉଥିବାବେଳେ ଘର ଅଗଣାରେ ଏକ ନାଗ ସାପକୁ ଦର୍ଶନ କଲେ । ପତ୍ନୀ କନକମଞ୍ଜରୀ ସାପକୁ ଦେଖି ଭୟଭୀତ ହୋଇଗଲା ବେଳେ ଭଦ୍ରଶାନ୍ତ ଭଗବାନ ଶିବଙ୍କର ଦର୍ଶନ ପାଇଲେ ଭାବି ନାଗ ସାପକୁ ଦୁଗ୍ଧ ପାନ କରାଇଲେ । ଦୁଗ୍ଧପାନ ପରେ ସାପଟି ଭଦ୍ରଶାନ୍ତ ପିନ୍ଧିଥିବା ଧୋତିକୁ ଲାଞ୍ଜରେ ଗୁଡାଇ ଟାଣିବାକୁ ଲାଗିଲା । ଭଦ୍ରଶାନ୍ତ ଭଗବାନଙ୍କର ଇଙ୍ଗିତକୁ ଅନୁଭବ କରି ନାଗସାପଟି ଯେଉଁ ଆଡକୁ ଟାଣିଲା, ସେଇ ଆଡକୁ ଚାଲିଲେ । ଚାଲି ଚାଲି ଜନବସତି ଠାରୁ ଅନେକ ଦୂର ଅରଣ୍ୟ ପ୍ରଦେଶରେ ପହଞ୍ଚିଲେ । ଦୂରରୁ ଥାଇ ଭଦ୍ରଶାନ୍ତ ଲକ୍ଷ୍ୟ କଲେ ଏକ ଗାଈ ଗୋଟିଏ ସ୍ଥାନରେ ଉପରକୁ ମୁହଁ କରି ଛିଡା ହୋଇଛି ଏବଂ ତାର ଚିରରୁ ଆପେ ଆପେ କ୍ଷୀର ସ୍ରାବ ହେଉଛି । ଏହି ଅପୂର୍ବ ଦୃଶ୍ୟକୁ ମନ ଭରି ଦେଖି ତଳକୁ ଚାହିଁଲା ବେଳକୁ ଭଦ୍ରଶାନ୍ତ ଦେଖିଲେ ସାପଟି ଅଦୃଶ୍ୟ ହୋଇଯାଇଛି । ଗାଈର ନିକଟବର୍ତ୍ତୀ ହୋଇ ଦେଖିଲେ ଯେ ଗାଈ ଚିରରୁ ଆପେ ଆପେ କ୍ଷୀର ଝରି ଯେଉଁ ସ୍ଥାନରେ ଭୂମିକୁ ସ୍ପର୍ଶ କରିଛି ସେହି ସ୍ଥାନଟି ଅନାବନା ତାଳପତ୍ରରେ ଆବୃତ୍ତ ହୋଇଅଛି । ତାହାକୁ ଅନାବୃତ୍ତ କରି ଭଦ୍ରଶାନ୍ତ ଦେଖିଲେ ଏକ ଶିବଲିଙ୍ଗ ଶୋଭାପାଉଅଛି । ସାରା ଜୀବନ ଶିବଙ୍କର ଉପାସନାରେ ଲାଗି ରହିଥିବାର ଫଳ ଆଜି ତାଙ୍କୁ ପାପ୍ତ ହେଲା ବୋଲି ସେ ହୃଦୟଙ୍ଗମ କଲେ । ସେହିଦିନ ଠାରୁ ଭଦ୍ରଶାନ୍ତ ଓ ପତ୍ନୀ କନକମଞ୍ଜରୀ ଭଗବାନ ଶିବଙ୍କୁ ଆହୁରି ନିଷ୍ଠାପର ଭାବେ ସେବା କରିବାକୁ ଲାଗିଲେ । ପ୍ରତିମାସର ପୂର୍ଣ୍ଣିମା ତିଥିରେ ଜଙ୍ଗଲକୁ ଯାଇ ଉକ୍ତ ଶିବ ଲିଙ୍ଗରେ ବେଲପତ୍ର ଚଢ଼ାଇ ଓ କ୍ଷୀର ମାର୍ଜନା କରି ପୂଜାର୍ଚ୍ଚନା କରିବାକୁ ଲାଗିଲେ ।

ପନ୍ଦରବର୍ଷ ପରେ ଏକଦା ବୈଶାଖ ମାସର ଚନ୍ଦନ ପୂର୍ଣ୍ଣିମା ତିଥିରେ ରାତି ପାହିବାକୁ ଅନେକ ସମୟ ବାକିଥାଏ । ଭଦ୍ରଶାନ୍ତ ଓ କନକମଞ୍ଜରୀ ଭାବ ବିହ୍ୱଳ ହୋଇ

ପହଞ୍ଚିଗଲେ ସେହି ଶିବଲିଙ୍ଗ ନିକଟରେ । ସେହି ରାତ୍ରିରେ ପୁଣି ଏକ ବିଚିତ୍ର ଘଟଣା ଘଟିଗଲା । ଉକ୍ତ ରାଜ୍ୟର ରାଜାଙ୍କୁ ସ୍ୱପ୍ନାଦେଶ ହେଲା ଯେ ସୂର୍ଯ୍ୟ ଉଦୟ ହେବାମାତ୍ରେ ରାଜ୍ୟ ସୀମାରେ ଥିବା ଜଙ୍ଗଲକୁ ଆସି ମୋର ଦୁଇଜଣ ଭକ୍ତ ପତିପତ୍ନୀଙ୍କୁ ଦର୍ଶନ କର ଓ ତାଙ୍କ ନାମାନୁସାରେ ତୁମ ରାଜ୍ୟକୁ ନାମିତ କର । ଏ ପାଖେ ଭଦ୍ରଶାନ୍ତ ଓ କନକମଞ୍ଜରୀ ଶିବଲିଙ୍ଗରେ ବେଲପତ୍ର ଓ ଦୁଗ୍ଧଦେଇ ପୂଜା କରିବାପରେ କିଛି ସମୟ ଧ୍ୟାନରେ ବସିଗଲେ । ସୂର୍ଯ୍ୟ ଉଦୟ ପୂର୍ବରୁ ଶୂନ୍ୟବାଣୀ ହେଲା – "ଭଦ୍ରଶାନ୍ତ ଆଖିଖୋଲ । ମୁଁ ତୁମର ଆରାଧ୍ୟ ଦେବତା ମହାଦେବ ତୁମକୁ ଦର୍ଶନ ଦେବାପାଇଁ ଆସିଛି ।" ଦିବ୍ୟବାଣୀ ଶ୍ରବଣ କଲାମାତ୍ରେ ଭଦ୍ରଶାନ୍ତ ଓ କନକମଞ୍ଜରୀ ଆଖି ଖୋଲିଲେ । ଭସ୍ମ ବିଲେପିତ ଶରୀର, ବ୍ୟାଘ୍ରଚର୍ମ ଶୋଭିତ କଟିସ୍ଥଳ, ଜଟାରେ ଅର୍ଦ୍ଧଚନ୍ଦ୍ର ପରିଶୋଭିତ । ଗଳାରେ ସର୍ପମାଳା ଶୋଭିତ ଆଶୁତୋଷ ଶଙ୍କରଙ୍କୁ ବର ପ୍ରାର୍ଥନା କଲେ । କନକମଞ୍ଜରୀ କହିଲେ – "ହେ ପ୍ରଭୁ ! ମୋର ପୁତ୍ର ସନ୍ତାନଟିଏ ଆବଶ୍ୟକ । ଯେଉଁ ପୁଅ ଜ୍ଞାନୀ, ଗୁଣି, ସାଧୁ ଓ ନିଷ୍ପାପର ହେବ ଏବଂ ସତ୍ୟ, ଶାନ୍ତି, ଦୟା, କ୍ଷମା ଗୁଣରେ ବିଭୂଷିତ ହୋଇ ସମାଜର ମଙ୍ଗଳ ସାଧନ କରିବ ।" ପ୍ରଭୁ ତଥାସ୍ତୁ କଲେ ଓ ଅନ୍ତର୍ଦ୍ଧାନ ହୋଇଗଲେ । ଭଦ୍ରଶାନ୍ତ ଓ ପତ୍ନୀ କନକମଞ୍ଜରୀ ଶିବଙ୍କର ଦର୍ଶନ ପାଇ ଭାବ ଗଦ୍‌ଗଦ୍ ହୋଇ ଭୂଇଁରେ ଗଡି ପାଗଳ ପ୍ରାୟ କାନ୍ଦିବାକୁ ଲାଗିଲେ । ଠିକ୍ ଏତିକି ବେଳେ ସ୍ୱପ୍ନାଦେଶ ପାଇଥିବା ରାଜା ତାଙ୍କର ରାଜପାରିଷଦବର୍ଗଙ୍କୁ ଧରି ସେଠାରେ ଉପସ୍ଥିତ ହେଲେ । ରାଜା ନିଜେ ଭଦ୍ରଶାନ୍ତ ଓ କନକମଞ୍ଜରୀଙ୍କ ପାଦ ଛୁଇଁ ପ୍ରଣାମ କଲେ । ପତିପତ୍ନୀ ଦୁହେଁ ପ୍ରଥମେ ଭୟ ପାଇଲେ । କାରଣ ରାଜ୍ୟର ରାଜା ତାଙ୍କ ପାରିଷଦକୁ ନେଇ ଆମ ପାଖକୁ ଆସିଛନ୍ତି କାହିଁକି ? ପରବର୍ତ୍ତୀ ମୁହୂର୍ତ୍ତରେ ରାଜାଙ୍କ ଠାରୁ ସ୍ୱପ୍ନର ସକଳ ବୃତ୍ତାନ୍ତ ଶୁଣିଲେ । ରାଜା ଘୋଷଣା କଲେ ଯେ ଆଜିଠାରୁ ଆପଣ ଦୁହିଁଙ୍କ ନାମାନୁସାରେ ଏ ରାଜ୍ୟର ନାମ ରଖାଗଲା **'ଭଦ୍ରକନକ'** । କାଳକ୍ରମେ ତାହା ଅପଭ୍ରଂଶ ହୋଇ **'ଭଦ୍ରକ'** ହୋଇଛି । ସଦାତ୍ମାମାନଙ୍କୁ ଏଠାରେ ଗୋଟିଏ କଥା ଜଣାଇ ଦିଆଯାଉଅଛି କି ଓଡିଶାର ରାଜନୈତିକ ମାନଚିତ୍ରରେ ସୀମା ନିର୍ଦ୍ଧାରଣ ଦୃଷ୍ଟିରୁ ଆଜିର ଯଜ୍ଞସ୍ଥଳ କେନ୍ଦୁଝର ଜିଲ୍ଲାର ଅର୍ନ୍ତଭୁକ୍ତ ହୋଇଥିଲେ ମଧ୍ୟ ସତ୍ୟଯୁଗର ସେହି ବରପ୍ରାପ୍ତି ସମୟରେ ଏହି ସ୍ଥାନ 'ଭଦ୍ରକନକ' ରାଜ୍ୟର ସୀମା ମଧ୍ୟରେ ଥିଲା ।

କାଳକ୍ରମେ କନକମଞ୍ଜରୀ ଗର୍ଭବତୀ ହେଲେ । ତାଙ୍କ କୋଳରେ ଜନ୍ମ ନେଲେ ପୁତ୍ର **'ନାଦିକର୍ଣ୍ଣ'** । ପିତାମାତାଙ୍କର ଆଦର୍ଶରେ ଅନୁପ୍ରାଣିତ ହୋଇ ନାଦିକର୍ଣ୍ଣ ଭଗବତ ପଥର ପଥିକ ସାଜିଲେ । ପିଲାଟି ବେଳୁ ଭଗବାନଙ୍କୁ ଭଲ ପାଇବାର କୌଶଳ ଶିଖି ତାର ମଜା ଚାଖି, ସେ ଏତେ ଆତ୍ମହରା ହୋଇ ଉଠିଲେ ଯେ କେତେବେଳେ ତାଙ୍କର ଶୈଶବ, କୈଶୋର, ଯୌବନ ସମୟ ଅତିକ୍ରମ କରି ପ୍ରୌଢ଼ାବସ୍ଥା ପ୍ରାପ୍ତ ହେଲାଣି, ଏହା ତାଙ୍କର ହେତୁରେ ନଥିଲା । କାଳସ୍ରୋତରେ ପିତାମାତାଙ୍କ ମୃତ୍ୟୁ ହେଲା । ପିତାମାତାଙ୍କ ନାମାନୁସାରେ ରାଜ୍ୟର ନାମକରଣ ହୋଇଥିବାରୁ ତାଙ୍କ ପୁତ୍ର ହିସାବରେ ନାଦିକର୍ଣ୍ଣଙ୍କର ଏତେ ଖ୍ୟାତି ଥିଲା ଯେ ତାଙ୍କୁ ସମସ୍ତେ ସମ୍ମାନ ପ୍ରଦର୍ଶନ କରୁଥିଲେ । ଆଧ୍ୟାତ୍ମିକବାଦୀ, ଜ୍ଞାନପିପାସୁ, ଧର୍ମ ପରାୟଣ ବ୍ୟକ୍ତିମାନେ ଜଣେ ସାଧୁ ହିସାବରେ

ତାଙ୍କୁ ସେବା କରୁଥିବା ବେଳେ ସାଧାରଣ ବ୍ୟକ୍ତିମାନେ ଭଦ୍ରଶାନ୍ତ ଓ କନକମଞ୍ଜରୀଙ୍କ ବଂଶୋଦ୍ଭବ ଭାବରେ ତାଙ୍କୁ ଯଥୋଚିତ ସମ୍ମାନ ଦେଖାଉଥିଲେ । ଜୀବନରେ ଦିନେ ଏମିତି ସମୟ ଆସିଲା, ନାଦିକର୍ଣ୍ଣ ଜନବସତିକୁ ଛାଡି ଗଲେ ଯେ ଆଉ ଫେରିଲେ ନାହିଁ । ଏକ ପାହାଡର ଶିଖର ଦେଶରେ କୁଡିଆଟିଏ କରି ରହିଲେ । ଅନିତ୍ୟ ସଂସାରର ସୁଖ ସମ୍ଭୋଗକୁ ପ୍ରତ୍ୟାହାର କରି ନିତ୍ୟାନନ୍ଦଙ୍କୁ ଖୋଜିବାରେ ମଗ୍ନ ରହିଲେ । ଅରଣ୍ୟର ଫଳମୂଳ ଆହାର କରି ତପସ୍ୟାରେ ବ୍ରତୀ ରହିଲେ । ଧୀରେ ଧୀରେ ଖାଦ୍ୟ ପଦାର୍ଥକୁ ଗ୍ରହଣ ନକରିବାର ସଂକଳ୍ପ କଲେ । ଉପବାସ ରହି ନିଷ୍ଠୁର ସାଧନାରେ ରତ ରହିଲେ । ଭଗବାନ ତାଙ୍କର ସମସ୍ତ ଭକ୍ତଙ୍କୁ ପୁତ୍ର ଦୃଷ୍ଟିରେ ଦେଖିଥାନ୍ତି । ନଖାଇ ନପିଇ ନାଦିକର୍ଣ୍ଣଙ୍କର ତନୁ କ୍ଷୀଣ ହୋଇଗଲା ପରେ ସେ ଆଉ ଯୋଗ କରିବାକୁ ସମର୍ଥ ହେଲେ ନାହିଁ । ଦେହ ଅସୁସ୍ଥ ହୋଇଗଲା ।

ଏକଦା ସଂଧ୍ୟା ସମୟରେ ବିଚିତ୍ର ଘଟଣାଟିଏ ଘଟିଲା । ନାଦିକର୍ଣ୍ଣ ନିଜ ଅବଶ ଶରୀରକୁ ଗୋଟିଏ ବଟବୃକ୍ଷରେ ଆଉଜେଇ ବସିଛନ୍ତି । ଦୂରରୁ ଦେଖିଲେ ତାଙ୍କ ପାଖକୁ ଚାଲିଚାଲି ଗୋଟାଏ ବିଶାଳକାୟ ଗାଈ ଆସୁଛି । ଗାଈଟି ନିକଟବର୍ତ୍ତୀ ହେଲା । ପାଖକୁ ଆସି ନିଜ ମୁହଁକୁ ନେଇ ନାଦିକର୍ଣ୍ଣଙ୍କ ମୁଣ୍ଡକୁ ଆଉଁସିବାକୁ ଲାଗିଲା । ଲାଞ୍ଜରେ ନାଦିକର୍ଣ୍ଣଙ୍କର ସମଗ୍ର ଶରୀରକୁ ଝାଡିଦେଲା । ନାଦିକର୍ଣ୍ଣ ସତେ ଯେପରି ମାଆର ସ୍ନେହ ଓ ଶ୍ରଦ୍ଧା ପାଇଲେ । ସତେଜ ହୋଇ ବସି ପଡିଲେ । ଗାଈର ଚିରରୁ ହଠାତ୍ କ୍ଷୀର ଝରିବାକୁ ଲାଗିଲା । ଗାଈଟି ବୁଲାବୁଲି କରି ଏମିତି ଢଙ୍ଗରେ ଛିଡା ହେଲା ଯେ ନାଦିକର୍ଣ୍ଣଙ୍କ ମୁହଁ ପାଖରେ ତାର ଚିର ଲଗାଇଲା । ନାଦିକର୍ଣ୍ଣ ବୁଝିଗଲେ ଯେ ଗୋମାତା ମୋର ଉପବାସ ରହିବାର ବ୍ରତକୁ ଭାଙ୍ଗିବାକୁ ଆସିଛନ୍ତି । ସାଧନା ମୋର ପଣ୍ଡ ହୋଇଯିବ । କଳିଯୁଗ ବ୍ୟତୀତ ଅନ୍ୟଯୁଗରେ ତ ପଶୁ,ପକ୍ଷୀ, ବୃକ୍ଷ,ଲତା ଆଦି କଥା କହୁଥିଲେ । କିନ୍ତୁ ସେମାନଙ୍କ ପାଇଁ ଗୋଟାଏ ନିୟମ ଥିଲା, ମଣିଷମାନଙ୍କ ଭଳି ସେମାନେ ସଦାସର୍ବଦା କଥା କହୁ ନଥିଲେ, ଯେତେବେଳେ ଭଗବାନଙ୍କ ଲୀଳାନୁକ୍ରମେ ଜଗତର କଲ୍ୟାଣ ପାଇଁ ତାଙ୍କ ପାଟି ଫିଟେ ଏବଂ ସେମାନେ କଥା କହନ୍ତି । ନାଦିକର୍ଣ୍ଣ ଗାଈର କ୍ଷୀରକୁ ଆଦରେ ଗ୍ରହଣ ନକରିବାରୁ ଗୋମାତା ମୁହଁ ଖୋଲି କହିଲେ – ‘‘ରେ ବତ୍ସ ! ମୁଁ ହେଉଛି ପୃଥିବୀ ମାତା । ସୃଷ୍ଟିର ସଙ୍କଟ କାଳରେ ଦିନେ ରାଜା ପୃଥୁ ମୋତେ ଦୋହନ କରିଥିଲେ । ସଂସାରରେ ଯେତେବେଳେ ଯୋଗୀ, ମୁନି, ଋଷିଙ୍କ ପ୍ରଭାବ କମିଯାଇ, ଖଳ, ପାଷାଣ୍ଡମାନଙ୍କର ଦୌରାତ୍ମ୍ୟ ବଢ଼ିଗଲା, ଥରେ ସେ ସମୟରେ ମୁଁ ସମସ୍ତ ଖାଦ୍ୟ ଦ୍ରବ୍ୟକୁ ମୋରି ଗର୍ଭରେ ଲୁଚାଇ ରଖିଥିଲି । ମାଆ ମୁଁ, ପୁଣି ହୃଦୟ ମୋର ଦ୍ରବୀଭୂତ ହୋଇଗଲା । ଭଗବାନଙ୍କର ମହତ ଇଚ୍ଛାକୁ ପୂର୍ଣ୍ଣ କରିବା ପାଇଁ ମୁଁ ରାଜି ହୋଇଗଲି । ରାଜା ପୃଥୁ ମୋତେ ଦୋହନ କରିବାପରେ ଜଗତ ପୁଣି ଶସ୍ୟ ଶ୍ୟାମଳା ହୋଇଥିଲା । କିଛି ବର୍ଷ ପୂର୍ବେ ମୁଁ ତୁମର ପିତା ଭଦ୍ରଶାନ୍ତଙ୍କୁ ଏଇ ପାହାଡର ପାଦ ପ୍ରଦେଶରେ ଥିବା ଅରଣ୍ୟରେ ଶିବଲିଙ୍ଗର ଠିକଣା ଦେବାପାଇଁ ଦର୍ଶନ ଦେଇଥିଲି । ଆଜି ସମଗ୍ର ଜନଜଗତ ପାଇଁ ନୁହେଁ, ଜଗତପତିଙ୍କର ଅମୃତ ସନ୍ତାନ ନାଦିକର୍ଣ୍ଣ ପାଇଁ ମୁଁ ପୁଣିଥରେ ମୂର୍ତ୍ତିମନ୍ତ ହୋଇ ଦଣ୍ଡାୟମାନ । ତୁମେ ମୋର ଅମୃତଦାନକୁ ସ୍ୱୀକାର

କରି ଶରୀର ରକ୍ଷା କର । ଶରୀର ସୁସ୍ଥ ନ ରହିଲେ ତୁମେ ଯୋଗ ସାଧନା କରିପାରିବ ନାହିଁ । ଆହାର ବିନା ଯୋଗ ସାଧନା କରିବାର ଯୋଗ୍ୟତା ବର୍ତ୍ତମାନ ସୁଦ୍ଧା ତୁମେ ହାସଲ କରି ପାରିନାହିଁ । ତେଣୁ ମୋର ମାତୃତ୍ୱର ଦାନକୁ ତୁମେ ସ୍ୱୀକାରକର ।'' ତଥାପି ନାଦିକର୍ଣ୍ଣ ନିଜ ନିଷ୍ପତ୍ତିରୁ ଓହରିଲେ ନାହିଁ । ସେତେବେଳକୁ ରାତ୍ରିର ଘନ ଅନ୍ଧକାର ଧୀରେ ଧୀରେ ପୃଥିବୀକୁ ଆଚ୍ଛାଦିତ କରି ସାରିଲାଣି । ସେଇ ଅନ୍ଧକାର ଭିତରେ ହଠାତ୍ ଅରଣ୍ୟ ପ୍ରଦେଶ ଆଲୋକିତ ହୋଇଗଲା । ଭଗବାନ ଶିବ ଆବିର୍ଭୁତ ହେଲେ । ଅଭୟ ମୁଦ୍ରା ଟେକି ବାଣୀ ପରଶିଲେ – ''ହେ ନାଦିକର୍ଣ୍ଣ ! ତୁମେ ତପସ୍ୟା କର ମନା ନାହିଁ । ହେଲେ ସାଧକ ଯେଉଁ ସ୍ତରରେ ଉପନୀତ ହେଲେ ତାର ଖାଦ୍ୟ ଆବଶ୍ୟକ ପଡେ ନାହିଁ, ତୁମେ ସେ ସ୍ତରରେ ପହଞ୍ଚି ପାରିନାହିଁ । ତେଣୁ ତୁମେ ଏବେ ଗୋମାତାଙ୍କ ଠାରୁ ନିଃସନ୍ଦେହ ଓ ନିର୍ବିବାଦରେ ଦୁଗ୍ଧସେବନ କରି ଶରୀର କଷ୍ଟକୁ ଉପଶମ କର । ତୁମକୁ ଆଜି ମୁଁ ତୁମର ଇପ୍ସିତ ଲକ୍ଷ୍ୟରେ ପହଞ୍ଚିବା ପାଇଁ ସାଧନ ସୂତ୍ର ବତାଇ ଦେବି । ଯେଉଁ ମାର୍ଗରେ ଗଲେ, ଯେଉଁ ସୂତ୍ରକୁ ଅବଲମ୍ବନ କଲେ ତୁମର ଅନିତ୍ୟ ସଂସାରର ସ୍ଥୂଳ ଖାଦ୍ୟ ଆବଶ୍ୟକ ପଡିବ ନାହିଁ ।''

ଗୋମାତାଙ୍କ ଚିରରେ ମୁହଁ ଲଗାଇ ନାଦିକର୍ଣ୍ଣ ଆକଣ୍ଠ କ୍ଷୀରପାନ କଲେ । ତାପରେ ସୁସ୍ଥ ହୋଇ ବସିଲେ । ଭଗବାନ ଶିବଙ୍କର ତ୍ରିନେତ୍ରରୁ ଏକ ଆଲୋକରଶ୍ମି ଆସି ନାଦିକର୍ଣ୍ଣଙ୍କର ତ୍ରିକୂଟକୁ ସ୍ପର୍ଶ କଲା । ନାଦିକର୍ଣ୍ଣ ବାହ୍ୟ ଜ୍ଞାନ ଭୁଲିଗଲେ, ଭାବ ଜଗତରେ ଭୋଳାନାଥ ମହାଯୋଗୀ ପୁରୁଷଙ୍କ ଠାରୁ ଯୋଗମାର୍ଗର ଅସଲସାଧନ ସୂତ୍ର ପ୍ରାପ୍ତ ହେଲେ । ତତ୍‌ପରେ ଆଲୋକ ରଶ୍ମି ଫେରି ଆସି ଶିବଙ୍କର ତ୍ରିନୟନରେ ଲୀନ ହୋଇଗଲା । ନାଦିକର୍ଣ୍ଣ ପ୍ରକୃତିସ୍ଥ ହେଲେ । ଭଗବାନ ଶିବ କହିଲେ – ''ହେ ବତ୍ସ ! ତୁମେ ଅତି ଭାଗ୍ୟବାନ । ତୁମ ଦୁଃଖରେ ଦ୍ରବୀଭୂତ ହୋଇ ଆଜି ଯେଉଁ ସ୍ଥାନରେ ପୃଥିବୀ ମାତା ତୁମ୍ଭଙ୍କୁ କ୍ଷୀର ପାନ କରାଇଲେ ସେ ସ୍ଥାନର ମହିମା ଯୁଗ ଯୁଗକୁ କୀର୍ତ୍ତିମାନ ହୋଇ ରହିବ । ପୃଥିବୀମାତା ଗାଈ ରୂପ ନେଇ ପିତାମହ ବ୍ରହ୍ମାଙ୍କ ନିର୍ଦ୍ଦେଶରେ ଏଠାକୁ ଆସିଥିଲେ । ବ୍ରହ୍ମା ଏହି ସ୍ୱଳ୍ପ ସମୟ ପାଇଁ ପୃଥିବୀ ମାତାଙ୍କ ଗୋମାତା ରୂପର ନାମକରଣ **'ବଉଳା'** କରିଥିଲେ । ଆଜି ବାତ୍ସଲ୍ୟମୟୀ ମାଆର ସ୍ମୃତି ସନ୍ତକ ଭାବରେ ଏ ସ୍ଥାନର ନାମ ରହିଲା **'ବଉଳା'** । ବଉଳା ପର୍ବତର ନିମ୍ନ ପ୍ରଦେଶରେ ଯେଉଁଠି ଆମ୍ଭର ମନ୍ଦିର ନିର୍ମାଣ ହେବ, ସେ ସ୍ଥାନର ନାମ ହେବ **'ବଉଳାକ୍ଷେତ୍ର'** । ହେ ନାଦିକର୍ଣ୍ଣ ! ତୁମେ ଆହୁରି ସୃଷ୍ଟିର ଅମୃତ ତତ୍ତ୍ୱକୁ ଉପଲବ୍ଧି କରିବା ପାଇଁ ଆଜିଠାରୁ ତପସ୍ୟା କରି ବ୍ରହ୍ମାଙ୍କୁ ସନ୍ତୁଷ୍ଟ କର । ମୁଁ ତୁମକୁ 'ବ୍ରହ୍ମ ଏକାକ୍ଷର ମନ୍ତ୍ର' ପ୍ରଦାନ କରୁଛି ।'' ତାପରେ ମହାଯୋଗୀ ଶିବ ଓ ଗୋମାତା ରୂପୀ ପୃଥିବୀ ଅନ୍ତର୍ଦ୍ଧାନ ହୋଇଗଲେ ।

ତା'ପରଠାରୁ ମହାଦେବଙ୍କ ପାଖରୁ ଅବଗତ ହୋଇଥିବା ସାଧନ ପ୍ରଣାଳୀକୁ ଅବଲମ୍ବନ ପୂର୍ବକ ନାଦିକର୍ଣ୍ଣ ବ୍ରହ୍ମ ଏକାକ୍ଷର ମନ୍ତ୍ର ଜପକଲେ । ଧୀରେ ଧୀରେ ସେ ବାହ୍ୟଜ୍ଞାନ ହରାଇ ସମାଧିସ୍ଥ ହୋଇଗଲେ । ଦୀର୍ଘ ପନ୍ଦର ବର୍ଷ ଅତିକ୍ରାନ୍ତ ହୁଅନ୍ତେ ବୈଶାଖ ମାସ ଚନ୍ଦନ ପୂର୍ଣ୍ଣିମା ତିଥିରେ ପଦ୍ମଯୋନି ବ୍ରହ୍ମା ସମ୍ମୁଖରେ ପ୍ରକଟ ହେଲେ । ସୁମଧୁର କୋମଳ କଣ୍ଠରେ ଡାକିଲେ–''ନାଦିକର୍ଣ୍ଣ ! ଆଖି ଖୋଲ । ତୁମ କୃଚ୍ଛ ସାଧନାର

ଅନ୍ତ ଘଟିଛି । ତୁମ ତପସ୍ୟାରେ ମୁଁ ସନ୍ତୁଷ୍ଟ ।'' କଣ୍ଠସ୍ୱର ଶୁଣିବା ପରେ ନାଦିକର୍ଣ୍ଣ ଅନୁଭବ କଲେ ଯେ ନିଜେ କୁଶପାଣି ବ୍ରହ୍ମା ମୋତେ ଦର୍ଶନ ଦେବାକୁ ଆସିଛନ୍ତି । ଆଖିଖୋଲି ବ୍ରହ୍ମଦେବଙ୍କୁ ଦର୍ଶନ କରି ପ୍ରଣାମ ନିବେଦନ କଲେ । ବ୍ରହ୍ମା ବର ମାଗି ନେବାପାଇଁ ଅନୁମତି ଦେଲେ । ନାଦିକର୍ଣ୍ଣ ଏହି ବରଭିକ୍ଷା କଲେ ଯେ– ''ହେ ପିତାମହ ! ମୋର ପିତାମାତା ଶୈବଭକ୍ତ ଥିଲେ । ତାଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ମୁଁ ମଧ ଶୈବ ଉପାସନା କରି ଏହି ପୁଣ୍ୟ ବନ ପ୍ରଦେଶରେ ଭଗବାନ ଶିବଙ୍କର ଦର୍ଶନଲାଭ କରିଥିଲି । ବ୍ରହ୍ମ ଏକାକ୍ଷର ମନ୍ତ୍ର ଜପି ଆଜି ଆପଣଙ୍କର କୃପାପାତ୍ର ହେଲି । ଯଦି ଆପଣ ମୋତେ ଦୟା କରିବା ପାଇଁ ଇଚ୍ଛା ପ୍ରକଟ କରିଛନ୍ତି, ତେବେ ମୋର ଏହି ଅଳି ପୂର୍ଣ୍ଣ କରନ୍ତୁ । ଏହି ପୁଣ୍ୟ ଭୂମିରେ ମୁଁ ଅନାଦି ବ୍ରହ୍ମଙ୍କ ପୂର୍ଣ୍ଣରୂପକୁ ଏକ ଅଙ୍ଗରେ ଦର୍ଶନ କରିବି ।'' ବ୍ରହ୍ମା କହିଲେ – ''ଏହି ବିଚିତ୍ର କାମନା ପୂର୍ଣ୍ଣ ହେବ; ମାତ୍ର ତୁମକୁ ଅନେକ ବର୍ଷ ସାଧନାରେ ରହି ଧୈର୍ଯ୍ୟ ଧରି ଅପେକ୍ଷା କରିବାକୁ ପଡିବ । ବ୍ରହ୍ମଙ୍କର ଅର୍ଦ୍ଧନାରୀଶ୍ୱର ରୂପକୁ ଦର୍ଶନ କରିବା ପାଇଁ ଆଜି ପର୍ଯ୍ୟନ୍ତ କେହି ବରଭିକ୍ଷା କରି ନଥିଲେ । ତେଣୁ ସେ ଅପୂର୍ବ ରୂପକୁ ଦର୍ଶନ କରିବାକୁ ହେଲେ ତୁମକୁ କଠୋର ସାଧନା କରିବା ସଙ୍ଗେ ସଙ୍ଗେ କିଛି ଦୃଢ଼ ନିୟମ ପାଳନ କରିବାକୁ ପଡିବ । ମୁଁ ତୁମ ପାଇଁ ତିନୋଟି ସର୍ତ୍ତ ରଖୁଛି । ସର୍ତ୍ତକୁ ପାଳନ କଲେ ତୁମର ମନୋବାଞ୍ଛା ଅଚିରେ ପୂର୍ଣ୍ଣହେବ । ପ୍ରଥମ ସର୍ତ୍ତ–ଭୂତଳ ଜଳ ପିଇବ ନାହିଁ । ଦ୍ୱିତୀୟ ସର୍ତ୍ତ–ଭୂତଳ ଫଳ ଖାଇବ ନାହିଁ । ତୃତୀୟ ସର୍ତ୍ତ–ନାରୀ ମୁଖ ଦର୍ଶନ କରିବ ନାହିଁ । ସେହିଦିନ ଠାରୁ ବ୍ରହ୍ମାଙ୍କର ସର୍ତ୍ତକୁ ଆଖି ଆଗରେ ରଖି ସାଧନାରେ ଲାଗି ରହିଲେ ସାଧକ ନାଦିକର୍ଣ୍ଣ ।

ବହୁ ସାଧୁ ସନ୍ଥଙ୍କ ଜୀବନରେ ଏମିତି ଅନେକ ଘଟଣାମାନ ଘଟି ଯାଇଛି ଯାହା ଯୁଗାନୁବାଦର ଧର୍ମ ସାହିତ୍ୟରେ ସ୍ଥାନ ପାଇନାହିଁ । ବାଲ୍ମୀକି ଓ ବ୍ୟାସଦେବଙ୍କ ଭଳି ମହାପୁରୁଷମାନେ ତାଙ୍କ ତପସ୍ୟାର ଦର୍ଶନରେ ଯେତିକି ଦେଖିଛନ୍ତି, ସେତିକି ମାତ୍ର ତାଙ୍କ ପୁରାଣମାନଙ୍କରେ ବର୍ଣ୍ଣନା କରିଛନ୍ତି । ଯଦି ସବୁ ଯୁଗର ଲୀଳାକୁ ଏବଂ ସମସ୍ତ ଘଟଣାବଳୀକୁ ରଚନା କରାଯାଇଥାନ୍ତା, ତେବେ ଲକ୍ଷ ଲକ୍ଷ ପୁରାଣ ହୋଇ ଥାଆନ୍ତା । ଆଜି ଧରାପୃଷ୍ଠକୁ ସୃଷ୍ଟିର ସ୍ରଷ୍ଟା ପୁରୁଷ ନିଜେ ଦେହ ଧାରଣ କରି ଆସିଛନ୍ତି ବୋଲି ପୁରାଣ ପୃଷ୍ଠାର ଅନ୍ତରାଳରେ ରହିଯାଇଥିବା ସାଧକ, ସାଧିକା, ଯୋଗୀ, ମୁନିଙ୍କର କାମନା ପୂର୍ଣ୍ଣ ପାଇଁ ଶତ ଚେଷ୍ଟିତ ହୋଇ ପଡିଛନ୍ତି । ପୁଣି ସେହି ଅନାଦି ବ୍ରହ୍ମ ମହାପୁରୁଷ ଅଚ୍ୟୁତାନନ୍ଦଙ୍କୁ ଭାବ ଜଗତରେ ଏ ସମସ୍ତ ଘଟଣା ଦର୍ଶନ କରାଇଛନ୍ତି । ତେଣୁ ଭବିଷ୍ୟତ ଦ୍ରଷ୍ଟା ଅଚ୍ୟୁତାନନ୍ଦ ତାଙ୍କ 'କଳି ମାହାତ୍ମ୍ୟ ଗୀତା'ର ନବମ ଛାନ୍ଦରେ ଉଲ୍ଲେଖ କରିଛନ୍ତି –

ସ୍ୱାରଚିଷ ମନ୍ୱନ୍ତର ସପ୍ତମ ଆଦ୍ୟରେ ।
ଭଦ୍ରଶାନ୍ତ କନକ ମହାଦେବ ପୂଜିଲେ ।।
ସାତକନ୍ୟା ଉତ୍ତାରେ ପ୍ରାପତ ନାଦିକର୍ଣ୍ଣ ।
ନିଜ ନାମେ ରାଜ୍ୟ ହେଲା କୀରତି ଅର୍ଜନ ।।
ସାଧନାରେ ରତ ରହି ଅରଜିଲେ ପୁଣ୍ୟ ।
ଧରଣୀ ଗୋମାତା ରୂପେ ଦୁଗ୍ଧକଲେ ଦାନ ।।

ବ୍ରହ୍ମା ସର୍ତ୍ତ ରଖିଥିଲେ ନାଦିକର୍ଣ୍ଣ ଠାରେ ।
ନାରୀ ମୁଖ ନଦେଖିବ କେବେ ନୟନରେ ।।
ଭୂତଳ ଜଳ ଭୂତଳ ଫଳକୁ ତୁଣ୍ଡରେ ।
ଦେବ ନାହିଁ କେବେ ମନେ ରଖିଥା ମୁଣ୍ଡରେ ।।

ମାଳିକାର ଉପରୋକ୍ତ ପଦ୍ୟାବଳୀ ଅନୁସାରେ ସ୍ୱାରଚିଷ ମନ୍ୱନ୍ତରର ସପ୍ତମ ଚତୁଃଯୁଗର ଆଦ୍ୟରେ ଅର୍ଥାତ୍ ସତ୍ୟଯୁଗରେ ଭଦ୍ରଶାନ୍ତ ଓ ପତ୍ନୀ କନକମଞ୍ଜରୀ ଦେବଦେବ ମହାଦେବଙ୍କୁ ପୂଜା କରୁଥିଲେ । ସାତଟି କନ୍ୟା ସନ୍ତାନ ଜନ୍ମହେଲା ପରେ ନାଦିକର୍ଣ୍ଣଙ୍କ ଭଳି ତପସ୍ୱୀ ପୁତ୍ର ପ୍ରାପ୍ତ ହୋଇଥିଲେ । ଭଗବାନ ଶିବଙ୍କ କୃପାରୁ ଭଦ୍ରଶାନ୍ତ ଓ କନକମଞ୍ଜରୀଙ୍କ ନାମାନୁସାରେ ରାଜ୍ୟର ନାମ ହୋଇଥିଲା "ଭଦ୍ରକନକ" । ଜଗତରେ କୀର୍ତ୍ତିସ୍ତମ୍ଭ ସ୍ଥାପନ କରି ପୁଣ୍ୟ ଅର୍ଜନ କଲେ । ନାଦିକର୍ଣ୍ଣଙ୍କୁ ଗୋମାତା ବଉଳା କ୍ଷୀର ଦାନ କରିଥିଲେ । ବଉଳାମାତାଙ୍କ ନାମାନୁଯାୟୀ ପାହାଡର ନାମ 'ବଉଳାପାହାଡ' ଓ କ୍ଷେତ୍ରର ନାମ ରହିଲା 'ବଉଳାକ୍ଷେତ୍ର' । ବ୍ରହ୍ମାଙ୍କୁ କୃଚ୍ଛ ସାଧନାରେ ସନ୍ତୁଷ୍ଟ କରି ନାଦିକର୍ଣ୍ଣ ନିତ୍ୟରାଧା ଓ ନିତ୍ୟକୃଷ୍ଣଙ୍କ ମିଳିତ ରୂପକୁ ଏକ ଅଙ୍ଗରେ ଦର୍ଶନ କରିବାର ବରପ୍ରାପ୍ତି ହୋଇଥିଲେ । ପିତାମହ ବ୍ରହ୍ମା ମଧ୍ୟ ନାଦିକର୍ଣ୍ଣଙ୍କ ପାଇଁ ସର୍ତ୍ତ ରଖିଥିଲେ ଯେ ତୁମେ କେବେ ନାରୀ ମୁଖ ଦର୍ଶନ କରିବ ନାହିଁ । ଭୂତଳ ଜଳ ପିଇବ ନାହିଁ କି ଭୂତଳ ଫଳକୁ ଖାଇବ ନାହିଁ । ପରବର୍ତ୍ତୀ କାଳରେ ତପସ୍ୱୀ ନାଦିକର୍ଣ୍ଣଙ୍କ ଜୀବନ କେଉଁ ପର୍ଯ୍ୟାୟ ଦେଇ ଗତି କଲା ସେ ସଂପର୍କରେ ମଧ୍ୟ ଏକ ବିରାଟ ସତ୍ୟ କାହାଣୀ ଲୁଚି ରହିଛି । ବ୍ରହ୍ମାଙ୍କ ଠାରୁ ବରପ୍ରାପ୍ତି ହେଲା ପରେ ନାଦିକର୍ଣ୍ଣ ନିଷ୍ପାପର ଭାବରେ ନିଜର ସାଧନାରେ ମଜ୍ଜି ରହିଲେ । ଅନେକ କଷ୍ଟ ସ୍ୱୀକାର କରିବାକୁ ପଡ଼ିଲା । ସର୍ତ୍ତ ଅନୁସାରେ ସେ ନଈ, ପୋଖରୀ, କୂଅ ଜଳକୁ ସେବନ କଲେ ନାହିଁ । ଚାତକ ପରି ଅନାଇ ଥାଆନ୍ତି ବର୍ଷାଜଳକୁ । କେବଳ ଆକାଶରୁ ଝରୁଥିବା ବର୍ଷାପାଣିକୁ ପାନ କରନ୍ତି ଯେବେ ଭାଗ୍ୟରେ ଜୁଟେ । ମଣିଷ ଦେହ ଧାରଣ କରି ଏପରି ସାଧନ କରିବାଟା କଷ୍ଟକର ବ୍ୟାପାର । ମାତ୍ର ଭଗବାନ ଶିବଙ୍କଠାରୁ ସାଧନ କୌଶଳ ପ୍ରାପ୍ତ ହୋଇଥିବାରୁ ନାଦିକର୍ଣ୍ଣଙ୍କର ସାଧନ ବାଟରେ ବିଶେଷ ପ୍ରତିବନ୍ଧକ ଦେଖା ଦେଇ ନଥିଲା । ସର୍ତ୍ତ ମୁତାବକ ସେ ମଧ୍ୟ ଭୂତଳ ଫଳ କନ୍ଦମୂଳ, ମାଟିଆଳୁ (ଖୟଆଳୁ) ଆଦି ଭକ୍ଷଣ କଲେ ନାହିଁ । ବୃକ୍ଷର ଉପରି ଭାଗ ଡାଳରେ ଯେଉଁ ଫଳ ଫଳେ, ଯେତେବେଳେ ମିଳେ ତାକୁ ଭୋଜନ କରନ୍ତି । ଏହିପରି ସାଧନାରେ ରହି ଅନେକ ଦିନ କଟିଗଲା । ନାରୀ ମୁଖ ଦର୍ଶନ କରିବେ ନାହିଁ ବୋଲି ନାଦିକର୍ଣ୍ଣ ଜନବସତିର ପାର୍ଶ୍ୱଦେଶରେ ଭ୍ରମଣ ନକରି କେବଳ ସେଇ ଅରଣ୍ୟ ମଧ୍ୟରେ ଘୂରି ବୁଲିଲେ । ପୁନଶ୍ଚ ଅରଣ୍ୟକୁ କୌଣସି ନାରୀ କେଉଁ କାମରେ କାଳେ ଆସିଯିବେ, ସେମାନଙ୍କୁ ଦୃଷ୍ଟି ପଥରୁ ସର୍ବଦା ଲୁଚିବାକୁ ଚେଷ୍ଟା କଲେ । ଭଗବାନ ସୃଷ୍ଟିରେ ଏମିତି ବିଧାନ ରଖିଛନ୍ତି, ଯେଉଁ ସାଧନ ସୂତ୍ରକୁ ଧରିଲେ ଭକ୍ତକୁ ସେ ପ୍ରାପ୍ତ ହୁଅନ୍ତି । ମାତ୍ର ଭକ୍ତ ସେହି ଇପ୍ସିତ ପଥରେ ଯାଉଥିବା ବେଳେ ନଟବର ନାଟୁଆ ବେଳେବେଳେ ନାଟ ଦେଖିବାକୁ ପରୀକ୍ଷାରେ ପକାଇ ଦିଅନ୍ତି । ଯଦି ପୂର୍ଣ୍ଣ ବୈରାଗ୍ୟରେ ପରିପକ୍ୱତା ଆସି ନଥାଏ, ତେବେ ସାଧକର ଅଧା ବାଟରେ ଗୋଡ ତଳକୁ ଖସିଯାଏ ।

ଅବଶ୍ୟ ସାଧକ ଯଦି ପୁଣି ଭଗବାନଙ୍କ ପ୍ରତି ଆକର୍ଷିତ ହୁଏ, ତେବେ ଭଗବାନ ସେହି ପଥଭ୍ରଷ୍ଟ ଭକ୍ତ ସନ୍ତାନକୁ ପାପ ପଙ୍କରୁ ହାତଧରି ଉଠାଇ ଆଣନ୍ତି । ସେଥିପାଇଁ ମହାପୁରୁଷମାନେ କହିଛନ୍ତି "ସାଧୁ ସାବଧାନ" । ଚୋର ଚୋରି କରେ, ତା'ର ଧରା ପଡିବାର ଆଶଙ୍କା ଥାଏ । ମାତ୍ର ମହାପୁରୁଷମାନେ ଚୋରକୁ ସାବଧାନ ନକରି ସାଧୁଙ୍କୁ ସାବଧାନ ବୋଲି କହିଛନ୍ତି । ଛୋଟ ପିଲାମାନେ ଲୁଡୁପାଲିରେ ଖେଳନ୍ତି ସାପ ସିଡିର ଖେଳ । ଗୃହସ୍ଥାଶ୍ରମରେ ଥିବା ସଂସାରୀମାନେ ଜୀବନ ପଥରେ ଗତି କରୁ କରୁ ତାଙ୍କ ଦ୍ୱାରା ଯଦି କିଛି ଭୁଲ୍ ହୋଇଯାଏ, ତେବେ ସେମାନେ ଟିକିଏ ତଳକୁ ଖସି ଯାଆନ୍ତି । ପୁଣି ଠାକୁରେ ତାକୁ ଦୟାକରି ଚୈତନ୍ୟ ପ୍ରଦାନ କରି ସୁଧାରି ନିଅନ୍ତି । ମାତ୍ର ଜଣେ ଯୋଗୀ ସାଧକ ଯେତେବେଳେ ପଥଭ୍ରଷ୍ଟ ହୁଏ, ସେତେବେଳେ ସେ ଲକ୍ଷ୍ୟ ସ୍ଥଳରେ ପହଞ୍ଚିବାର ଠିକ୍ ପୂର୍ବରୁ ଅର୍ଥାତ୍ ଅନେଶୋଡରେ ସାପ ଗିଳିଦେଲେ ଯେମିତି ଲୁଡୁ ଗୋଟି ଶୂନକୁ ଖସି ଆସେ, ସେମିତି ସାଧକ ତଳି ତଳାନ୍ତ ହୋଇଯାଏ ।

ନାଦିକର୍ଣ୍ଣ ସେମିତି ଏକ ଘଟଣା ଚକ୍ରରେ ଛନ୍ଦି ହୋଇଗଲେ । ମନଭିତରେ ଏକ ପ୍ରତିକୂଳ ପ୍ରେରଣା ସୃଷ୍ଟି ହେଲା । ଅରଣ୍ୟର ପାଦ ପ୍ରଦେଶକୁ ଓହ୍ଲାଇ କାହିଁକି କେଜାଣି ନଦୀ ପାରି ହୋଇ ଅପର ପାର୍ଶ୍ୱକୁ ଯିବାପାଇଁ ମନ ବଳାଇଲେ । ଭକ୍ତ ବିପଥଗାମୀ ହେବାର ସୂଚନା ଦେଖିଲେ ମଙ୍ଗଳମୟ ଭଗବାନ ଭକ୍ତକୁ ସେହି ଅବନତି ପଥରୁ ବିଚ୍ୟୁତ କରିବା ପାଇଁ ଚେଷ୍ଟା କରନ୍ତି । ଜୀବ ଭିତରେ ଥିବା ରଜ ଓ ତମ ଗୁଣର ପ୍ରାବଲ୍ୟ ବଢ଼ିଗଲେ ସତ୍ତ୍ୱଗୁଣ ଦବିଯାଏ ଓ ସେ ଶତ ଘାତ ପ୍ରତିଘାତକୁ ଅତିକ୍ରମ କରି ପାପ ପ୍ରବୃତ୍ତ ହୋଇଯାଏ । ନାଦିକର୍ଣ୍ଣ ନଦୀ ପାରି ହେବାକୁ ଇଚ୍ଛା ପ୍ରକାଶ କରନ୍ତେ ହଠାତ୍ ମେଘ, ଘଡଘଡି ଶବ୍ଦରେ ଗଗନ ପବନ ପ୍ରକମ୍ପିତ ହେବାକୁ ଲାଗିଲା । ମୂଷଳ ଧାରାରେ ବର୍ଷା ବର୍ଷିଲା । ସଂଧ୍ୟା ସମୟ, ରାତ୍ରି ଆଗତ ପ୍ରାୟ । ତଥାପି ନାଦିକର୍ଣ୍ଣ ନଦୀ ତଟରେ ପହଞ୍ଚି ଦେଖିଲେ ନଈର ଅପର ପାର୍ଶ୍ୱରେ ଡଙ୍ଗାଟିଏ ବନ୍ଧା ହୋଇଛି । ମାତ୍ର ନାଉରୀ କେହି ନାହାଁନ୍ତି । ଚତୁର୍ଦ୍ଦିଗକୁ ଚାହିଁଲେ, କେହି ଦୃଶ୍ୟ ହେଲେ ନାହିଁ । ହଠାତ୍ ନାଦିକର୍ଣ୍ଣ ମେଘ ପବନ ଭିତରେ ଦୂରକୁ ନିରୀକ୍ଷଣ କଲେ ଓ ଜଣେ ତରୁଣୀ ନଦୀ ଆଡ଼କୁ ଅଗ୍ରସର ହେଉଥିବାର ଦେଖିଲେ । ତରୁଣୀ ଜଣକ ଯେତେବେଳେ ନଦୀ ତଟରେ ପହଞ୍ଚିଗଲେ ନାଦିକର୍ଣ୍ଣ ନାଉରୀ କଥା ପଚାରିଲେ । ହେଲେ ମେଘ ପବନ ରାତିରେ ନାଉରୀ ବା କାହିଁକି ଆସିବ ? କୈବର୍ତ୍ତ କନ୍ୟା କହିଲେ ଯେ ମୁଁ ନଦୀ ପାରି କରି ପାରିବି ଆପଣ ଯଦି ଚାହିଁବେ ମୁଁ ନାବରେ କାତ ମାରିବି । ନାଦିକର୍ଣ୍ଣ ନଦୀ ପାରିହେବାର ମନୋବାଞ୍ଛାକୁ ପ୍ରକାଶ କଲେ । ଜଟାଜୁଟ ମଣ୍ଡିତ ଋଷିଙ୍କ ପ୍ରତି କୈବର୍ତ୍ତ କନ୍ୟାର ମନରେ ଭକ୍ତିଭାବ ଜାଗ୍ରତ ହେଲା । ତାଙ୍କୁ ନଦୀ ପାର କରାଇ ପୁଣ୍ୟ ଅର୍ଜନ କରିବାର ଆଶା ରଖି ତରୁଣୀ ଜଣକ ବନ୍ଧା ଯାଇଥିବା ଡଙ୍ଗା ଖୋଲି ଦେଲେ । ନାଦିକର୍ଣ୍ଣ ଥିବା କୂଳକୁ ଆସିଲେ । ଋଷି ଡଙ୍ଗାରେ ବସିଲା ପରେ ତରୁଣୀ ଜଣକ କାତ ମାରିଲେ । ସାଧକ ନାଦିକର୍ଣ୍ଣ ତରୁଣୀର ରୂପଲାବଣ୍ୟ ଦେଖି ହତବାକ୍ ହୋଇଗଲେ । ଅନେକ ବର୍ଷ ହେଲା ସେ ନାରୀ ମୁଖ ଦର୍ଶନ କରି ନଥିଲେ । ଯିଏ ସାଧନା କରି ଇନ୍ଦ୍ରିୟ ଦମନ କରିଥାଏ ଓ ଯା'ଭିତରୁ ବିଷୟ ପ୍ରାପ୍ତିର ବୀଜ ମରି ଯାଇଥାଏ, ସେ ଅନ୍ୟ ନାରୀକୁ

ଦେଖିଲେ ମାତୃତ୍ୱ ଦର୍ଶନକରେ; ମାତ୍ର ସାଧକମାନଙ୍କ ପ୍ରତି ସବୁବେଳେ ଦେବରାଜ ଇନ୍ଦ୍ରଙ୍କ ଭୟ ଥାଏ । କାଳେ କିଏ ବ୍ରହ୍ମାଙ୍କୁ ସନ୍ତୁଷ୍ଟ କରି ମୋର ଇନ୍ଦ୍ରପଦ ନେଇଯିବ । ତେଣୁ ଦେବତାଙ୍କ ରାଜା ଇନ୍ଦ୍ର କନ୍ଦର୍ପଙ୍କୁ ଦାୟିତ୍ୱ ଦେଇ ଥାଆନ୍ତି । ସୁଯୋଗ ଉଣ୍ଡି ଦୁର୍ବଳ ମୁହୂର୍ତ୍ତରେ ସାଧକମାନଙ୍କୁ ପ୍ରେମବାଣ ମାରି ଯୌନ କାମନାରେ ଜର୍ଜରିତ କରିବା ପାଇଁ । ନାଦିକର୍ଣ୍ଣ କୈବର୍ତ୍ତ କନ୍ୟାଙ୍କୁ ଦେଖିଲାପରେ ସାଧନାର ପୂର୍ଣ୍ଣ ସିଦ୍ଧି ଅଭାବରୁ ତାଙ୍କ ଭିତରେ ଯୌନ ପ୍ରବଣତା ସୃଷ୍ଟି ହେଲା । ଯାହାକୁ 'ଦୈବାତ୍ ମୋହ' ବୋଲି କୁହାଯାଏ । ତରୁଣୀର ଗୋରା ରୂପ ରଙ୍ଗ ସୁଗଠିତ ଅଙ୍ଗ ସୌଷ୍ଠବ, ପଳାଶ ଫୁଲର ଗଜରାରେ ଗଭା ସୁଶୋଭିତ ହୋଇଥାଏ । ତରୁଣୀର ଅତିରଞ୍ଜିତ ରୂପ ଦେଖି ନାଦିକର୍ଣ୍ଣ ମୋହଗ୍ରସ୍ତ ହୋଇଗଲେ । ପୁଣି ବର୍ଷାରେ ଭିଜି ତରୁଣୀ ଜଣଙ୍କର ଗୋରା ରଙ୍ଗର ତନୁରାଜି ଅତି ଆମୋଦଦାୟକ ଦୃଶ୍ୟମାନ ହେଉଥାଏ । ନଦୀ ପାରି ହେଲାପରେ ତରୁଣୀ ଜଣକ ନାଦିକର୍ଣ୍ଣଙ୍କର ପାଦ ସ୍ପର୍ଶ କରି ବିଦାୟ ନେବାକୁ ଚାହିଁଲା ବେଳକୁ ନାଦିକର୍ଣ୍ଣ କହିଲେ – ''ହେ ସୁନ୍ଦରୀ ! ମୁଁ ଜଣେ ସଂସାରୀ ତ୍ୟାଗୀ । ଏ ସଂସାରରେ ମୋର ନିଜର ବୋଲି କେହି ନାହାଁନ୍ତି । ଏ ବର୍ଷା ରାତିରେ ମୁଁ ଯିବି କେଉଁଆଡ଼େ ? ମୋତେ ଟିକେ ତୁମ ଘରେ ଆଜି ରାତିକ ପାଇଁ ଆଶ୍ରୟ ଦିଅ ।'' ଯୌନ କାମନାକୁ ଚରିତାର୍ଥ କରିବା ପାଇଁ ନାଦିକର୍ଣ୍ଣ ସମସ୍ତ ଭଗବତ ସ୍ୱଭାବକୁ କ୍ଷଣିକ ପାଇଁ ଭୁଲିଯାଇ ଅଭିସନ୍ଧିର କାୟା ବିସ୍ତାର କଲେ । ତରୁଣୀ ଜଣକ ଥିଲେ ସରଳପ୍ରାଣା । ଋଷିଙ୍କୁ ସେବା କରିବାର ସୁଯୋଗ ପାଇବା ତାର ସୌଭାଗ୍ୟ ବୋଲି ମନେ କରି ସାଦର ସ୍ୱାଗତ ଜଣାଇ ଘରକୁ ଧରି ଚାଲିଲେ । କୌଣସି କାରଣ ବଶତଃ ସେଦିନ ଘରେ କୈବର୍ତ୍ତ କନ୍ୟାର ପିତାମାତା ଅନ୍ୟତ୍ର ଯାଇଥିଲେ । ଘରେ ନାଦିକର୍ଣ୍ଣ କୈବର୍ତ୍ତ୍ୟ କନ୍ୟାକୁ ଏକାକୀ ପାଇ ତା' ସହିତ ସମ୍ଭାଷଣ କରିବାକୁ ଇଚ୍ଛାକଲେ । ନାମ ପଚାରିବାରୁ ତରୁଣୀ ଉତ୍ତର ଦେଲେ, ମୋ ନାମ ''ହାରାବଳୀ'' । ନାଦିକର୍ଣ୍ଣ ତାଙ୍କୁ ପ୍ରେମ ଭିକ୍ଷା କଲେ । ଋଷିଙ୍କର ଏପରି ବ୍ୟବହାରରେ ପ୍ରଥମେ ହାରାବଳୀ ବ୍ୟସ୍ତ ବିବ୍ରତ ହୋଇଗଲେ ମଧ୍ୟ ପରବର୍ତ୍ତୀ ମୁହୂର୍ତ୍ତରେ କାମବାଣରେ ଜର୍ଜରିତ ହୋଇ ନାଦିକର୍ଣ୍ଣଙ୍କ ସହ ଏକାକାର ହୋଇଗଲେ । ନାଦିକର୍ଣ୍ଣ ଅଜାଣତରେ ନିଜ ଜୀବନ ଇତିହାସରେ ଏକ କଳଙ୍କିତ ଅଧ୍ୟାୟ ସୃଷ୍ଟି କରି ସାରିଲେଣି ଏହା ସେତେବେଳେକୁ ତାଙ୍କ ନିଜକୁ ଜଣା ପଡିଲା ନାହିଁ । ଭଗବତ ପଥରୁ ବିଚ୍ୟୁତହୋଇ ନାଦିକର୍ଣ୍ଣ ଓ ହାରାବଳୀ ସଂସାର ବାନ୍ଧି ବସିଲେ । ନାଦିକର୍ଣ୍ଣ ଭୂତଳ ଫଳ ଖାଇଲେ ଓ ଭୂତଳ ଜଳ ମଧ୍ୟ ପାନ କଲେ । ବ୍ରହ୍ମାଙ୍କର ସର୍ତ୍ତ କଥା ନାଦିକର୍ଣ୍ଣ ମନରୁ ସମ୍ପୂର୍ଣ୍ଣ ପାଶୋରି ଦେଇଥିଲେ । ଦିନେ ଅନ୍ଧକାର ରାତ୍ରିରେ ବେଦପତି ବ୍ରହ୍ମା ଶୂନ୍ୟବାଣୀ କଲେ – 'ରେ ମୂର୍ଖ ! ତୁ ମୋର ସର୍ତ୍ତକୁ ଭୁଲି ଆଜି ବିପଥଗାମୀ ହୋଇଛୁ । ହାରାବଳୀର ରୂପ ଲାବଣ୍ୟକୁ ଦେଖି ତୋର ମାନସିକ ବିକୃତି ଘଟିଥିବାରୁ ମୁଁ ଅଭିଶାପ ଦେଉଛି ତୋର ଦର୍ଶନେନ୍ଦ୍ରିୟ ଜ୍ୟୋତିହୀନ ହୋଇଯାଉ । ତୁ ଅନ୍ଧ ହୋଇଯାଅ । ଯେଉଁ ପଳାଶ ଫୁଲକୁ ହାରାବଳୀ ଗଭାରେ ସଜାଇ ତୋତେ ଆକର୍ଷିତ କରିଛି, ମୁଁ ମୋର ହାତରେ ସୃଷ୍ଟି କରିଥିବା ସେ ପଳାଶ ଫୁଲକୁ ଅଭିଶାପ ଦେଉଛି ସେ ବାସହୀନ ହୋଇଯାଉ । ପ୍ରେମରେ ମତୁଆଲା ହୋଇ ଯେଉଁ ଧବଳ ପ୍ରସ୍ତର ଉପରେ ଚାନ୍ଦିନୀ ରାତିରେ ତୁମେମାନେ ଧର୍ମକୁ

ନଚାହିଁ ରତିକ୍ରୀଡା କରିଛ, ତାହା ମଧ୍ୟ କଳଙ୍କିତ ହୋଇ କଳାପଥରରେ ପରିବର୍ତ୍ତିତ ହେଉ ।'' ସେହିଦିନଠାରୁ ନାଦିକର୍ଣ୍ଣ ଅନ୍ଧ ହୋଇଗଲେ ଏବଂ ଯେଉଁ ପଳାଶ ଫୁଲ ସୃଷ୍ଟି ଆରମ୍ଭରୁ ସବୁ ଫୁଲଠାରୁ ଅଧିକ ସୁଗନ୍ଧିତ ଥିଲା ତା'ଠାରୁ ମନୋମୁଗ୍ଧକର ବାସ୍ନା ଉଭାଇଗଲା । ପଳାଶ ଫୁଲ ଗନ୍ଧହୀନ ହେଲେ ମଧ୍ୟ ଦେବ ପୂଜାରେ ଲାଗୁଥିଲା । ତ୍ରେତୟା ଯୁଗରେ ମାଆ ଜାନକୀଙ୍କ ଅଭିଶାପ ପଡିଲା ପରେ ସେ ଦେବପୂଜାରେ ଲାଗିବାରୁ ବଞ୍ଚିତ ହୋଇଥିଲା । ସୁନ୍ଦର ରୂପ ଧରି ମଧ୍ୟ ଜଗତ ପାଇଁ ଅଲୋଡା ମୂଲ୍ୟହୀନ ହୋଇ ରହିଲା । ହାରାବଳୀ ଜଣେ ନିର୍ଦ୍ଦୋଷା ନାରୀ ଥିଲେ । ବ୍ରହ୍ମାଙ୍କର ଅଭିଶାପ ବାଣୀ ଶ୍ରବଣ କଲାପରେ ନାଦିକର୍ଣ୍ଣଙ୍କ ସମ୍ପର୍କରେ ସବୁକଥା ଜାଣିବାକୁ ପାଇଲେ । ନିଜକୁ ନିଜେ ଦୋଷୀ ମନେକଲେ ଯେ ମୋରି ପାଇଁ ଆଜି ଋଷି ନାଦିକର୍ଣ୍ଣ ଅନ୍ଧ ହେଲେ ଓ ସୌନ୍ଦର୍ଯ୍ୟମୟୀ ପଳାଶ ଫୁଲ ବାସହୀନ ହୋଇଗଲା । ଅବଶୋଷ ମନ ନେଇ ସେ ଦେହଭୋଗକୁ ପରିତ୍ୟାଗ କରି ତପ ଆଚରଣ କରିବାପାଇଁ ସଂକଳ୍ପବଦ୍ଧ ହେଲେ । ନିଜେ ତପରେ ମଗ୍ନ ରହିବା ସଙ୍ଗେ ସଙ୍ଗେ ସ୍ୱାମୀ ନାଦକର୍ଣ୍ଣଙ୍କୁ ପୁନଃ ତପସ୍ୟା କରିବାପାଇଁ ପ୍ରେରଣା ଦେଲେ । ଦୁହେଁ ପୁଣି ସଂସାର କରି ମଧ୍ୟ ସଂସାର ଠାରୁ ଦୂରେଇ ବୈରାଗ୍ୟ ବ୍ରତରେ ମଜ୍ଜି ରହିଲେ । ଦୁହେଁ ଦିନେ ସାଧନାରେ ସିଦ୍ଧି ଅର୍ଜନ କଲେ ।

ସେହି ସତ୍ୟଯୁଗର ଅନ୍ତିମ ଚରଣରେ ଭଗବାନ ଶିବ ଋଷି ପତିପତ୍ନୀଙ୍କୁ ଦର୍ଶନ ଦେଲେ । ହାରାବଳୀ ବରଭିକ୍ଷା କଲେ ଯେ – ''ହେ ଶଙ୍କର ଭଗବାନ ! ମୋର ସ୍ୱାମୀ ଯୋଗ ମାର୍ଗରୁ ପଥଭ୍ରଷ୍ଟ ହୋଇ ମହାବିଷ୍ଣୁଙ୍କର ନିତ୍ୟରାଧା–ନିତ୍ୟକୃଷ୍ଣଙ୍କର ଯୁଗଳ ମୂର୍ତ୍ତିକୁ ଏକ ଅଙ୍ଗରେ ଦର୍ଶନ କରିବାର ଆଶୀର୍ବାଦରୁ ବଞ୍ଚିତ ହୋଇଛନ୍ତି । ଏତିକି ଦୟାକରନ୍ତୁ, ଆପଣ ବ୍ରହ୍ମାଙ୍କୁ ଆମ ତରଫରୁ ଅନୁରୋଧ କରି ମୋ ସ୍ୱାମୀଙ୍କଠାରୁ ଅଭିଶାପକୁ ଫେରାଇ ନିଅନ୍ତୁ ।'' ଭଗବାନ ଶିବ ବ୍ରହ୍ମାଙ୍କୁ ସନ୍ତୁଷ୍ଟ କରିବାପାଇଁ ଭକ୍ତର ମଙ୍ଗଳ ନିମନ୍ତେ ପ୍ରାର୍ଥନା କଲେ । ଭଗବାନ ଶିବଙ୍କର ଆରାଧନାରେ ପିତାମହ ସନ୍ତୁଷ୍ଟ ହୋଇ କହିବା ମୁତାବକ ନାଦିକର୍ଣ୍ଣଙ୍କୁ ଦେଇଥିବ ଅଭିଶାପ ଫେରାଇ ନେଲେ । ମାତ୍ର ଯୋଗଭ୍ରଷ୍ଟ ହୋଇ ଅପରାଧ ଅର୍ଜନ କରିଥିବାରୁ ଧୈର୍ଯ୍ୟ ପରୀକ୍ଷା ନିମିତ୍ତ ଏହିକଥା କହିଲେ ଯେ – ''ହେ ହାରାବଳୀ ! ତୁମେ ପତିକୁ ପତନରୁ ଉଦ୍ଧାର କରି ପତ୍ନୀ ପଦବାଚ୍ୟ ହୋଇପାରିଛ । ତୁମ ପରି ନାରୀ ଜଗତ ପାଇଁ ଉଦାହରଣ । ତୁମେ ନାରୀଜାତିର ଗୌରବ । ତୁମ ସ୍ୱାମୀ ନିତ୍ୟରାଧା ନିତ୍ୟକୃଷ୍ଣଙ୍କର ଯୁଗଳମୂର୍ତ୍ତିକୁ ଏକ ଅଙ୍ଗରେ **''କେଶବ''** ରୂପରେ ଦର୍ଶନ କରିବେ । ମାତ୍ର ଅନେକ ଯୁଗ ଅପେକ୍ଷା କରିବାକୁ ପଡିବ । ଏହି ଶ୍ୱେତ ବରାହ କଳ୍ପର ବର୍ତ୍ତମାନ ସ୍ୱାରଚିଷ (ଦ୍ୱିତୀୟ) ମନ୍ୱନ୍ତର ଚାଲିଛି । ଆଉ ଚଉଷଠିଟି ଚତୁଃଯୁଗ ପରେ ଉତ୍ତମ ମନ୍ୱନ୍ତର ଆସିବ । ଏମିତି ଗୋଟିକ ପରେ ଗୋଟିଏ ମନ୍ୱନ୍ତର ଯାଇ ଯେତେବେଳେ ସପ୍ତମ ମନ୍ୱନ୍ତର ଅର୍ଥାତ୍ ବୈବସ୍ୱତ ମନ୍ୱନ୍ତର ଭୋଗହେବ, ସେହି ମନ୍ୱନ୍ତରର ଅଠେଇଶି ଚତୁଃଯୁଗର କଳିଯୁଗରେ ପୂର୍ଣ୍ଣବ୍ରହ୍ମ ପ୍ରକୃତି ପୁରୁଷ ଗୋଟିଏ ଅଙ୍ଗରେ ଦେହଧାରଣ କରି ଲୀଳା କରିବେ । ସେ ଯୁଗରେ ଜ୍ଞାନ ବିଜ୍ଞାନର ପୂର୍ଣ୍ଣ ଚୈତନ୍ୟ ଶକ୍ତି କାର୍ଯ୍ୟକାରୀ ହେବ । ତୁମ ଦୁଇଜଣଙ୍କର ନାମ ଅନୁସାରେ ଏ ସ୍ଥାନର ନାମକରଣ ହେଲା **''ନାଦିହାରା''** (ଦୁହିଁଙ୍କର ନାମର ପ୍ରଥମ ଦୁଇଅକ୍ଷର ଯୁକ୍ତ ହୋଇ ଯେଉଁ ନାମକରଣ ହୋଇଥିଲା କାଳକ୍ରମେ ଗୋଟିଏ ଲେଖାଏଁ ଅକ୍ଷର କଟିଯାଇ ବର୍ତ୍ତମାନ ସ୍ଥାନର ନାମ ହୋଇଛି **ନାହା**) । ଏକଥା ଶୁଣି

ନାଦିକର୍ଣ୍ଣ କହିଲେ – "ହେ ବ୍ରହ୍ମଦେବ ! ମୁଁ ଯେତେ ଯୁଗ ବିତିଯାଉ ପଛକେ **'କେଶବ'** ରୂପ ଦର୍ଶନ ପାଇଁ ଅପେକ୍ଷା କରିବି । ହେଲେ ମୋର ଆଉ ଗୋଟିଏ ଅଳି ପୂର୍ଣ୍ଣ କରିବେ । ସେହି ଦର୍ଶନ ତିଥିରେ ମୋର ଏହି ତପୋଭୂମିରେ ଯଜ୍ଞାନୁଷ୍ଠାନ ହେବ । ମୁଁ ଯେଉଁ ବ୍ରହ୍ମ ଏକାକ୍ଷର ମନ୍ତ୍ର ପ୍ରାପ୍ତ ହୋଇଥିଲି, ତାର ସ୍ମୃତିଚାରଣ ପାଇଁ **"ବ୍ରହ୍ମ ଏକାକ୍ଷର ମହାଶାନ୍ତି ଯଜ୍ଞ"** ଅନୁଷ୍ଠିତ ହେବ । ବଉଳା କ୍ଷେତ୍ରରେ ଚାରିଯୁଗ ଭକ୍ତମାନଙ୍କର ମିଳନ ଘଟିବ । ଆମ ପ୍ରେମର ସାକ୍ଷୀ ଥିବା ସାଳନ୍ଦୀ ନଦୀ ଜଳରେ ଭକ୍ତମାନେ ସ୍ନାନ କରି ପୁଣ୍ୟ ଅର୍ଜନ କରିବେ । ଅଭିଶପ୍ତ ପଳାଶ ବନରେ ଭକ୍ତମାନଙ୍କ ପାଦ ପଡିଲେ ପଳାଶ ତାର ବାସ୍ନା ହରାଇଥିବା ଦୁଃଖକୁ ଭୁଲି ଧନ୍ୟ ହେବ ।" ବ୍ରହ୍ମା ସମସ୍ତ କାମନାକୁ ପୂର୍ଣ୍ଣ କରିବା ପାଇଁ ତଥାସ୍ତୁ କଲେ । ତାପରେ ଅନ୍ତର୍ଦ୍ଧାନ ହୋଇ ବ୍ରହ୍ମଲୋକକୁ ଚାଲିଗଲେ । ଏହି ଅତୀବ ଗହନ କଥାକୁ ଜନଜଗତର ଗୋଚରାର୍ଥେ ମହାପୁରୁଷ ଅଚ୍ୟୁତ ତାଙ୍କ 'କଳିମାହାତ୍ମ୍ୟ ଗୀତା'ରେ ପୁନଶ୍ଚ ଉଲ୍ଲେଖ କରିଛନ୍ତି –

ଶୁଣରେ ବ୍ରଜକୁମର କହୁଛି ଚେତାଇ ।
ନାଦିକର୍ଣ୍ଣ ଯୋଗ ସାଧି ବହୁ କଷ୍ଟପାଇ ।।
ନଖାଇ ନପିଇ ଭୂତଳର ଫଳ ଜଳ ।
ନାରୀ ମୁଖ ଦର୍ଶନରେ ନଦେବାକୁ ବେଳ ।।
ପଥଭ୍ରଷ୍ଟ ହୋଇ ହାରାବଳୀରେ ରମିଲେ ।
ବାସହୀନ ପଳାଶର କାରଣ ସାଜିଲେ ।।
ହାରାବଳୀ ଶଙ୍କର ବିରଞ୍ଚି ସନ୍ତୋଷିଲେ ।
ବ୍ରହ୍ମ ଏକାକ୍ଷର ମହାଶାନ୍ତି ଯଜ୍ଞ ହେଲେ ।।
ବେନିଙ୍କ ନାମରେ ସ୍ଥାନ ହେଲା ନାଦିହାରା ।
ଯେଉଁ ସ୍ଥାନେ ପୂର୍ଣ୍ଣବ୍ରହ୍ମ ଭକ୍ତହାତେ ଧରା ।।
ଦର୍ଶନ କରିବେ ଏକ ଅଙ୍ଗେ ଦୁଇତତ୍ତ୍ୱ ।
ଶ୍ରୀକେଶବ ଆସିବେ ଧାଇଁ ବଉଳାକ୍ଷେତ୍ର ।।

ଉପରୋକ୍ତ ପଦ୍ୟାବଳୀରେ ଭବିଷ୍ୟତଜ୍ଞାତା ଅଚ୍ୟୁତ ନିଜ ପ୍ରିୟ ପୁତ୍ର ବ୍ରଜ ଗଦାଧରକୁ ସାକ୍ଷୀ ରଖି ଏହି କଥା କହିଛନ୍ତି ଯେ – ରେ ବ୍ରଜ ! ତୋତେ ଚେତାଇ କହୁଛି ଶୁଣ । ନାଦିକର୍ଣ୍ଣ ଭୂତଳ ଫଳ ନଖାଇ, ଭୂତଳ ଜଳ ନପିଇ ବହୁତ କଷ୍ଟ ସ୍ୱୀକାର କରି ତପ ଆଚରଣ କଲେ । ମାତ୍ର ସାଧନାର ଲକ୍ଷ୍ୟ ସ୍ଥଳରେ ପହଞ୍ଚିବା ପୂର୍ବରୁ ଯୋଗଭ୍ରଷ୍ଟ ହୋଇ ହାରାବଳୀ ସହ ଜଡିତ ହୋଇ ସନ୍ନ୍ୟାସ ପଥକୁ ଛାଡ଼ି ସଂସାରୀ ହେଲେ । ସୌନ୍ଦର୍ଯ୍ୟଭରା ରକ୍ତପଳାଶ କୁସୁମ ଅଭିଶାପ ଗ୍ରସ୍ତ ହୋଇ ବାସହୀନ ହେବାର କାରଣ ସାଜିଲେ । ପତି ପରାୟଣା ହାରାବଳୀ ସ୍ୱାମୀଙ୍କର ସାଧନାର ଫଳକୁ ଫେରାଇ ଆଣିବାକୁ ତପ ଆଚରଣ କରି ବ୍ରହ୍ମା ଓ ଶିବଙ୍କୁ ସନ୍ତୁଷ୍ଟ କଲେ ଓ ଶେଷରେ **"ବ୍ରହ୍ମ ଏକାକ୍ଷର ମହାଶାନ୍ତି ଯଜ୍ଞ"** ସ୍ଥଳରେ ପୂର୍ଣ୍ଣବ୍ରହ୍ମ ଶ୍ରୀ କେଶବଙ୍କ ସ୍ୱରୂପକୁ ଦର୍ଶନ କରିବାର ବରପ୍ରାପ୍ତି ହେଲେ । ନାଦିକର୍ଣ୍ଣ ଓ ହାରାବଳୀଙ୍କ ନାମାନୁସାରେ ସ୍ଥାନର ନାମ ନାଦିହାରା, ଯେଉଁ ସ୍ଥାନରେ କି ପୂର୍ଣ୍ଣବ୍ରହ୍ମ କେଶବ ଭକ୍ତ ପାଖରେ ଧରା ପଡିବେ ।

ପୁଣି ଏହି ଯଜ୍ଞାନୁଷ୍ଠାନର ସମୟ ସମ୍ପର୍କରେ ଉଲ୍ଲେଖ କରିବାକୁ ଯାଇ ଅଚ୍ୟୁତଙ୍କର ଲେଖନୀ ଶତମୁଖ ହୋଇ ଉଠିଛି । 'ଧର୍ମସୂତ୍ର ସଂହିତା' ଗ୍ରନ୍ଥରେ ପ୍ରକାଶ କରିଛନ୍ତି ଯେ–

ସିଦ୍ଧି ସଙ୍ଗତରେ ନିଧିକୁ ଯୋଡି । ଗୁଣକୁ ମିଶାଇ ଦେବୁ ସଜାଡି ।।
ବଉଦରୁ 'ବ' ଅକ୍ଷର ଫେଡି । 'ଚ' ଅକ୍ଷର ଥୋଇ ଦକ୍ଷିଣେ ଭିଡି ।।
ଇଂରାଜୀ କୋକିଳ କୂଜନ ମାସ । ଇନ୍ଦ୍ରିୟରୁ ଏକ ଫେଡି ଦିବସ ।।
ଆର୍ଯ୍ୟ ଆଦ୍ୟ ମାସ ନିଦାଘ ତାପ । ଯାଗ ପାଇଁ 'ନାଦି' କରିଛି ତପ ।।
ନାରାୟଣ ବ୍ରତ ଶୁକଳ ତିଥି । ଅଂଶୁମାନ ସୁତ ବାରରେ ମତି ।।
ପ୍ରେମ ସ୍ୱକ୍ଷରିତ ସାଳନ୍ଦୀ ଜଳ । ଅଧିବାସରେ ସ୍ଥିତ ଯଜ୍ଞର ସ୍ଥଳ ।।
ଗ୍ରହ ସଙ୍ଗେ ମିତ ହୋଇଲେ ଭୂତ । ପୂର୍ଣ୍ଣଚନ୍ଦ୍ର ନଭେ ଥିବ ଉଦିତ ।।
ପଣ୍ଡିତ ବାସରେ ପୂର୍ଣ୍ଣ ଆହୁତି । ବ୍ରହ୍ମ ଏକ ଅକ୍ଷର ମହାଶାନ୍ତି ।।
କେତନ ଉଡିବ ଗଗନ ଦେଶେ । ଭ୍ରାତୃତ୍ୱର ବୀଜ ବପନ ବିଶ୍ୱେ ।।
ପ୍ରକୃତି ପୁରୁଷ ଏକ ଅଙ୍ଗରେ । ବିଜୟ ହୋଇବେ ଭକ୍ତ ସଙ୍ଗରେ ।।
କିଏ କେତେ ବାକ୍ୟ ବାଣ ମାରିବେ । ଥଙ୍ଗା ଟାହୁଲିରେ ପାଷାଣ୍ଡ ଥିବେ ।।
ଶ୍ୱାନ ଯେହ୍ନେ ଜ୍ଞାନ ନାହିଁ ତୁଳସୀ । ମୂତ୍ର ତ୍ୟାଗ କରେ ଅଜ୍ଞାନେ ରସି ।।
ତେମନ୍ତ ପ୍ରକାରେ ବ୍ରହ୍ମକୁ ଦେଖି । ଚିହ୍ନି ନପାରିବ ମୂରୁଖ ଆଖି ।।
ଯେ ଗଲା ଶରଣ ସିଏ ପାଇଲା । ଦୀନ ଅଚ୍ୟୁତ ଯେ ବାରତା ଦେଲା ।।

ଉକ୍ତ ମାଳିକା ପଦ୍ୟ ସମୂହରେ ଅଚ୍ୟୁତାନନ୍ଦ ଏହି ସୂତ୍ର ପ୍ରଦାନ କରିଛନ୍ତି ଯେ – ସିଦ୍ଧି କହିଲେ ଅଷ୍ଟସିଦ୍ଧି (ଅଣିମା, ଲଂଘିମା, ବ୍ୟାପ୍ତି, ପ୍ରକାମ୍ୟ, ମହିମା, ଇଶିତ୍ୱ, ବଶିତ୍ୱ, କାମା ବସାୟିତା) ସଂଖ୍ୟା ହେଲା ୮, ନିଧି କହିଲେ ନବନିଧି (ପଦ୍ମ, ମହାପଦ୍ମ, ଶଙ୍ଖ, ମକର, କଚ୍ଛପ, ମୁକୁନ୍ଦ, କୁନ୍ଦ, ନୀଳ, ଖର୍ବ) ସଂଖ୍ୟା ହେଲା ୯ । ଏହି ଦୁଇଟି ସଂଖ୍ୟାକୁ ଯୋଡିଲେ ୯+୮=୧୭ । ସେଥିରେ ଗୁଣକୁ ମିଶାଇବା ଅର୍ଥ ଗୁଣ ହେଲା ସତ୍ତ୍ୱ, ରଜ, ତମ, ସଂଖ୍ୟା ୩, ୧୭+୩=୨୦ । ବଉଦ ଶବ୍ଦରୁ 'ବ'କୁ ଫେଡି ଅର୍ଥାତ୍ ଉଠାଇ ସେହି ଜାଗାରେ 'ଚ' ଅକ୍ଷର ଲେଖି ୨୦ର ଦକ୍ଷିଣରେ ଲେଖିଲେ ହେଲା ୨୦୧୪ । କୋକିଳ କୂଜନ କହିଲେ କୋଇଲିର ପଞ୍ଚମ ସ୍ୱର ଅର୍ଥାତ୍ ଇଂରାଜୀ ପଞ୍ଚମ ମାସ ମଇ ମାସ । ଇନ୍ଦ୍ରିୟରୁ ଏକ ଫେଡି ଅର୍ଥାତ୍ ଏକାଦଶ ଇନ୍ଦ୍ରିୟ ୧୧ରୁ ଏକକୁ ଫେଡିଲେ ୧୧–୧=୧୦, ଅର୍ଥାତ୍ ୧୦ ତାରିଖ । ଆର୍ଯ୍ୟ ଆଦ୍ୟମାସ କହିଲେ ହିନ୍ଦୁ ସଂସ୍କୃତିର ପ୍ରଥମ ଓଡ଼ିଆ ମାସ ବୈଶାଖ ଯେଉଁ ମାସରେ କି ଯଜ୍ଞ ପାଇଁ ନାଦିକର୍ଣ୍ଣ ତପ କରିଥିଲେ । ନାରାୟଣ ବ୍ରତ କହିଲେ ଏକାଦଶୀ ବ୍ରତ, ଶୁକ୍ଳପକ୍ଷ ଏକାଦଶୀ ତିଥି । ଅଂଶୁମାନ କହିଲେ ସୂର୍ଯ୍ୟ, ସୂର୍ଯ୍ୟଙ୍କ ସୁତ ଶନି । ନାଦିକର୍ଣ୍ଣ ଓ ହାରାବଳୀଙ୍କ ପ୍ରେମର ସ୍ୱାକ୍ଷର ବହନ କରିଥିବା ସାଳନ୍ଦୀ ନଦୀର ଜଳକୁ କଳସରେ ଭରି ଯଜ୍ଞ ସ୍ଥଳରେ ସ୍ଥାପନା କରାଯିବ । ସାମଗ୍ରୀକ ଭାବରେ ପଦ୍ୟାବଳୀର ଅର୍ଥ ଏହା ଯେ ଇଂରାଜୀ ୨୦୧୪ ମସିହା ମଇ ମାସ ୧୦ ତାରିଖ ଓଡିଆ ବୈଶାଖ ମାସ ଶୁକ୍ଳପକ୍ଷ ଏକାଦଶୀ ତିଥି ଶନିବାର ଦିନ ଅଧିବାସ ଅନୁଷ୍ଠିତ ହେବ । ଗ୍ରହ ସଙ୍ଗେ ମିତ ହୋଇଲେ ଭୂତ ଅର୍ଥ, ଗ୍ରହ କହିଲେ ନବଗ୍ରହ, ସଂଖ୍ୟା ୯, ଭୂତ କହିଲେ ପଞ୍ଚଭୂତ, ସଂଖ୍ୟା ୫ । ୯+୫=୧୪ ଅର୍ଥାତ୍ ଚଉଦ ତାରିଖ ।

ଆକାଶରେ ସେଦିନ ପୂର୍ଣ୍ଣଚନ୍ଦ୍ର ଉଦୟ ହୋଇଥିବ । ପଣ୍ଡିତ ବାସର କହିଲେ ବୁଧବାର ଦିନ **"ବ୍ରହ୍ମ ଏକାକ୍ଷର ମହାଶାନ୍ତି ଯଜ୍ଞ"**ର ପୂର୍ଣ୍ଣାହୁତି ହେବ । ସନାତନ କେତନ ଗଗନ ମଣ୍ଡଳରେ ଫର ଫର ହୋଇ ଉଡ଼ିବ । ବିଶ୍ୱରେ ଭ୍ରାତୃତ୍ୱର ବୀଜ ବପନ କରାଯିବ । ପ୍ରକୃତି ପୁରୁଷ ଏକ ଅଙ୍ଗରେ ପୂର୍ଣ୍ଣବ୍ରହ୍ମ 'ଶ୍ରୀଶ୍ରୀଶ୍ରୀ କେଶବ ସୁନ୍ଦର' ଯଜ୍ଞ ସ୍ଥଳକୁ ବିଜୟ କରିବେ । ଅଚ୍ୟୁତ କହୁଛନ୍ତି ସେତେବେଳକୁ ଖଳ, ନାସ୍ତିକ, ପାଷାଣ୍ଡମାନେ କେତେ କଥା କହି ବାକ୍ୟବାଣ ମାରି ଥଟ୍ଟା, ଟାହୁଲି କରିବେ । ଶ୍ୱାନ ବା କୁକୁର ଯେମିତି ବିବେକଶୂନ୍ୟ ବୋଲି ଅଜ୍ଞାନତାର ବଶବର୍ତ୍ତୀ ହୋଇ ତୁଳସୀବୃକ୍ଷର ମହିମା ନଜାଣି ତା ଉପରେ ମୂତ୍ର ତ୍ୟାଗ କରିଥାଏ; ଠିକ୍ ସେମିତି ପୂର୍ଣ୍ଣବ୍ରହ୍ମଙ୍କୁ ଆଖିରେ ଦେଖି ମଧ୍ୟ ମୂର୍ଖ ଲୋକମାନେ ଥଟ୍ଟା ପରିହାସରେ ମାତିଥିବେ । କିନ୍ତୁ ଯିଏ ଶ୍ରଦ୍ଧାରେ ସେ ନବଦୂର୍ବାଦଳ ଶ୍ରୀକେଶବଙ୍କର ଶରଣାପନ୍ନ ହୋଇ ପାରିବ ସିଏ କୋଟି ଜନ୍ମ ତପସ୍ୟାର ଫଳ ପ୍ରାପ୍ତ ହେବ । ଦୀନ ଅଚ୍ୟୁତ କେବଳ ଜଗତକୁ ଏହି ବାର୍ତ୍ତା ଦେଉଛନ୍ତି ।

ହେ ସଦାତ୍ମାଗଣ ! ଆଜ କଳିଯୁଗର ଅନ୍ତିମ ପର୍ଯ୍ୟାୟରେ ପୂର୍ଣ୍ଣବ୍ରହ୍ମ ନାରାୟଣ ନରତନୁ ଧରି ଯେଉଁ ଲୀଳାସୂତ୍ରକୁ ଉନ୍ମୋଚନ କରିଛନ୍ତି, ଆମେ କେବଳ ଶ୍ରଦ୍ଧା ଓ ବିଶ୍ୱାସର ସହ ତାଙ୍କ ଲୀଳାରେ ସହଯୋଗୀ ସାଜି ତାଙ୍କର କୃପାପାତ୍ର ହେବା ପାଇଁ ପ୍ରୟାସ କରିବା ଦରକାର । ଧନ୍ୟ ସେ ଋଷି ନାଦିକର୍ଣ୍ଣ ଧନ୍ୟ ପତି ପରାୟଣା ହାରାବଳୀ, ଧନ୍ୟ ସେ ସାଳନ୍ଦୀ ନଈ, ଧନ୍ୟ ଏ ବଉଳା ପାହାଡ, ଧନ୍ୟ ଏ ନାହାଗ୍ରାମ ଓ ଏ ଗ୍ରାମର ଗ୍ରାମବାସୀବୃନ୍ଦ, ଯେଉଁମାନେ ଆଜି ପ୍ରଭୁଙ୍କର ଲୀଳାରେ ଗୋଟିଏ ଗୋଟିଏ ଉପାଦାନ ସାଜିଛନ୍ତି ।

ଶେଷରେ ସେହି ଚରମନାଥଙ୍କର ପଦ୍ମପାଦରେ ଏହି ଅଳି କରିବା–ହେ ଯୋଗୀଜନବନ୍ଦିତ, ତ୍ରେତିଶକୋଟି ଦେବତାଙ୍କର ପୂଜିତ, ଅନନ୍ତ କୋଟି ବ୍ରହ୍ମାଣ୍ଡର ନିର୍ମାଣକର୍ତ୍ତା, ଭକ୍ତ, ଶିଷ୍ୟ, ଅନୁଗତମାନଙ୍କର ତାରଣ କର୍ତ୍ତା !!! ତୁମରି ସେବା କାର୍ଯ୍ୟରେ ମନ ସଦାସର୍ବଦା ଲାଗି ରହିବା ପାଇଁ ଆମ୍ଭମାନଙ୍କ ହୃଦୟରେ ପ୍ରେରଣା ଜାଗ୍ରତ କରାଅ । ମନରେ ସତ୍ ସାହସ ପ୍ରଦାନକର, କାଳ କବଳିତ ହୋଇ ତୁମକୁ ପାଶୋରି ଯିବାର ଆଶଙ୍କା ମନରୁ ଦୂର କର । ଅବାଟରେ ପଥହରା ସାଜିବା ପୂର୍ବରୁ ଅଦୃଶ୍ୟରେ ଥାଇ ଉଚିତ ପଥକୁ ନେଇଯାଅ । ସ୍ଥୂଳରେ ଶ୍ରୀରଙ୍ଗା ଅଧରରେ ବାଣୀ ପରଷି, ଇଙ୍ଗିତ ଦେଇ ସତର୍କ କରାଇ ଦିଅ । ତୁମରି ବାହୁଛାୟା ତଳେ ଆଶ୍ରୟ ଦେଇ ଆମ୍ଭମାନଙ୍କୁ ଅଭୟ ପ୍ରଦାନ କର । ଧର୍ମର ଜୟ ହେଉ, ସତ୍ୟ ଅମ୍ଳାନ ରହୁ, ବିଶ୍ୱରେ ଭ୍ରାତୃତ୍ୱ ପ୍ରତିଷ୍ଠା ହେଉ, ତୁମରି ମହତ ଇଚ୍ଛା ପୂର୍ଣ୍ଣ ହେଉ ।

ଜୟ ଶ୍ରୀ ଗୁରୁସ୍ୱାମୀ, ନୟନପଥଗାମୀ ଭବତୁମେ ।

ଅଳମତି ବିସ୍ତରେଣ

ଶ୍ରୀକେଶବାର୍ପଣମସ୍ତୁ !!!

ଶ୍ରୀ କେଶବ ଶରଣଂ ! ଶ୍ରୀ କେଶବ ଶରଣଂ !! ଶ୍ରୀ କେଶବ ଶରଣଂ !!!

ଆମର ଲକ୍ଷ୍ୟ : ପ୍ରେମ ପ୍ରାପ୍ତି